## ସଂକ୍ଷେପରେ

### ଧାନବିଲରୁ ଯୁବକଙ୍କ ମୃତଦେହ ଉଦ୍ଧାର
ବଜ୍ରପାତରେ ମୃତ୍ୟୁ ସନ୍ଦେହ

**ଖଇରା, ୨୮।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଗଡପୋଖରୀ ପଞ୍ଚାୟତ ଅଧୀନ ଗୁଆପାଳ ଗ୍ରାମର ଗଣେଶ ନାଇକ(୨୦)ଙ୍କ ମୃତଦେହ ଶନିବାର ସକାଳେ ଏକ ଧାନବିଲରୁ ଉଦ୍ଧାର କରାଯାଇଛି। ଖଇରା ଥାନା ଏଏସ୍ଆଇ ବାସୁଦେବ ମହାନ୍ତି ପ୍ରାଥମିକ ତଦନ୍ତ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସୋର ପଠାଇଛି। ତେବେ ତାଙ୍କ ମୃତ୍ୟୁ ବଜ୍ରପାତ ଯୋଗୁ ହୋଇଥିବା ସନ୍ଦେହ କରାଯାଉଛି। ଉଲ୍ଲେଖଯୋଗ୍ୟ, ଗଣେଶଙ୍କ ବାପା ସପନା ନାଇକ ୧୧ବର୍ଷ ତଳେ ଶାରୀଶୂଆ ପାହାଡରେ ବ୍ଲାଷ୍ଟିଂ ଯୋଗୁ ପ୍ରାଣ ହରାଇଥିଲେ। ଶୁକ୍ରବାର ଅପରାହ୍ନରେ ଗଣେଶ ବିଲକୁ ଘାସ କାଟିବାକୁ ଯାଇ ଆଉ ଫେରି ନ ଥିଲେ। ଶନିବାର ବହୁ ଖୋଜାଖୋଜି ପରେ ଗ୍ରାମବାସୀ ମୃତଦେହ ବିଲରେ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

### ମହାଳୟାରେ ତିଳତର୍ପଣ

**ଭୋଗରାଇ,୨୮।୯(ଡି.ଏନ.ଏ.):** ଦେବୀ ଦୁର୍ଗାଙ୍କ ଶୁଭ ଆଗମନୀ ବାର୍ତ୍ତା ଶନିବାର ମହାଳୟାରୁ ଆରମ୍ଭ ହୋଇଛି। ଅମାବାସ୍ୟା ତିଥିରେ ମହାଳୟାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ନଦନଦୀରେ ସ୍ନାନାଦି, ତିଳତର୍ପଣ, ଶ୍ରାଦ୍ଧାଦି ଓ ଧର୍ମୀୟ କାର୍ଯ୍ୟ ସମାପନ ହୋଇଛି। ଦୀଘା, ଉଦୟପୁର, ତାଳସାରୀ, କୀର୍ତ୍ତନିଆ ସମୁଦ୍ରକୂଳ ସହ ସୁବର୍ଣ୍ଣରେଖା ନଦୀ ଘାଟରେ ବହୁ ଶ୍ରଦ୍ଧାଳୁ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରିଛନ୍ତି। ପିତୃପକ୍ଷର ଅବସାନ ପରେ ମାତୃପକ୍ଷର ଆଗମନରେ ଦେବୀ ଦୁର୍ଗାଙ୍କୁ ଆଗମନ କରାଯାଇଛି। ଉଦୟପୁରଠାରେ ଗଙ୍ଗାମାତା ମତ୍ସ୍ୟଜୀବୀ ସଙ୍ଗଠନ ପକ୍ଷରୁ ଆସନ୍ତା ପୌଷ ସଂକ୍ରାନ୍ତି ଉପଲକ୍ଷେ ଗଙ୍ଗା ପୂଜା ପାଇଁ ସମୁଦ୍ରକୂଳରେ ମହାଳୟାର ଧ୍ୱଜବାଉଁଶ ସ୍ଥାପନା କରି ଗଙ୍ଗାଦେବୀଙ୍କୁ ଆରାଧନା କରାଯାଇଛି।

### ଛତରାରେ ଶହୀଦ୍ ଦିବସ

**ସୋର, ୨୮।୯(ଡି.ଏନ.ଏ.):** ତୁଡ଼ିଗଡ଼ିଆ ଆନ୍ଦୋଳନର କେନ୍ଦ୍ରସ୍ଥଳ ଛତରାରେ ୭୬ତମ ଶହୀଦ ଦିବସ ପାଳିତ ହୋଇଛି। ଶନିବାର ଶହିଦ ଯୁବ କଲ୍ୟାଣ ପରିଷଦ ଆନୁକୂଲ୍ୟରେ ଛତରା ଶହିଦ ସ୍ତମ୍ଭ ନିକଟରେ ଅନୁଷ୍ଠିତ ସଭାରେ ଡମ୍ବୁରଧର ଯେନା ଅଧକ୍ଷତା କରିଥିଲେ। ସ୍ମୃତିଚାରଣ ସଭାରେ ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରସାଦ ପ୍ରମାଣିକ ଯୋଗଦେଇ ଏଭଳି ମଫସଲ ଗାଁରେ ବୀର ସଂଗ୍ରାମୀମାନେ ସମାନ୍ତରାଳ ସରକାର ଗଠନ କରି ବିଶାଳ ବିଟ୍ରିଶ ଶକ୍ତି ବିରୋଧରେ ଯୁଦ୍ଧର ଡାକରା ଦେବା କିଛି ସାଧାରଣ କଥା ନ ଥିଲା ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ବ୍ଲକ ଅଧକ୍ଷା ଅତିସୀରାଣୀ ମହାପାତ୍ର, ମୋତିଲାଲ ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ଶ୍ରୀକାନ୍ତ ଜେନା, ସରୋଜ କୁମାର ମହାପାତ୍ର, ସତ୍ୟନାରାୟଣ ମହାପାତ୍ର, ସରପଞ୍ଚ ମନୋରମା ଦେଉରୀ, ସମିତିସଭ୍ୟା ଝୁନୁ ଖଟୁଆ, ପୂର୍ବତନ ସରପଞ୍ଚ ମୁକ୍ତିକାନ୍ତ ଯେନା ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଛତରାର ବୀର ଶହିଦ୍ କେଲୁ, ମକର ଓ ରଘୁଙ୍କର ତ୍ୟାଗକୁ ଲୋକେ ଭୁଲିଯିବା ଉଚିତ୍ ନୁହେଁ ବୋଲି କହିଥିଲେ। ଜୟନ୍ତ କୁମାର ସାମଲ ବିବରଣୀ ପାଠ କରିଥିବା ବେଳେ ଅଜୟ୍ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ତୁଡ଼ିଗଡ଼ିଆରେ ୭୭ତମ ଶହୀଦ ଦିବସ

# ‘ଶହୀଦଙ୍କ ତ୍ୟାଗକୁ ଯୁବପିଢ଼ି ଅନୁସରଣ କରନ୍ତୁ’

**ଖଇରା, ୨୮।୯(ଡି.ଏନ.ଏ.)**



ତୁଡିଗଡିଆରେ ଶହୀଦ ଦିବସ ପାଳନ ଅବସରରେ ଉପସ୍ଥିତ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

ବାଲେଶ୍ୱର ଜିଲା ଖଇରା ବ୍ଲକର ରକ୍ତତୀର୍ଥ ଭାବେ ପରିଚିତ ତୁଡିଗଡିଆଠାରେ ୭୭ତମ ଶହୀଦ ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ସମାରୋହ ପାଳନ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ସକାଳେ ଶହୀଦ ରଘୁ ବେହେରା, ମକର ଲେଙ୍କା ଓ କେଳୁ ସାହୁଙ୍କ ଆତ୍ମକଳସ ସ୍ଥାପନ କରାଯାଇଥିଲା । ଏହାପରେ ଶହୀଦଙ୍କ ଜନ୍ମିତ ଗ୍ରାମ ଡାଲଙ୍ଗ, ଦନ୍ତୋର, ବଧି ଓ ସ୍ୱାଧୀନତା ସଂଗ୍ରାମୀ ବୈଦ୍ୟନାଥ ରାଉତଙ୍କ ଖଇରାଡିହି ଗ୍ରାମକୁ ପଦଯାତ୍ରା କରାଯାଇଥିଲା । ପରେ ଖଇରା ଡିହି ଗ୍ରାମରେ ଶହୀଦଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ, ଜାତୀୟ ପତାକା ଉତ୍ତୋଳନ ଏବଂ ଜିଲା ପ୍ରଶାସନ ତରଫରୁ ତୋପ ସଲାମି ଦିଆଯାଇଥିଲା। ପରେ ସାଂସ୍କୃତିକ ସମ୍ପାଦକ ଅଲେଖ ବାରିକ ଓ ସହ ସମ୍ପାଦକ କରୁଣାକର ଜେନାଙ୍କ ନେତୃତ୍ୱରେ ବ୍ଲକସ୍ତରୀୟ ବକ୍ତୃତା, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ଅମର୍ତ୍ତ୍ୟ ସାହୁ, ପ୍ରତିଭା ମଲ୍ଲିକ, ପୀୟୁଷ କୁମାର ପଣ୍ଡା, ସ୍ନିଗ୍ଧାରାଣୀ ପଣ୍ଡା, କାଜଲରାଣୀ ଜେନା, ରାଧାରାଣୀ ବେହେରା, ସାଇପ୍ରଭା ଦାସ, ଶୁଭଶ୍ରୀ ଜେନା ଓ ସ୍ମୃତିରେଖା ମଲ୍ଲିକ ପ୍ରମୁଖ କୃତିତ୍ୱ ଅର୍ଜନ କରିଥିଲେ। ସନ୍ଧ୍ୟାରେ ଶହୀଦ ଜନକଲ୍ୟାଣ ପରିଷଦ ସଭାପତି ଉପେନ୍ଦ୍ର ପ୍ରସାଦ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ଭଦ୍ରକ ଏମ୍ପି ମଞ୍ଜୁଲତା ମଣ୍ଡଳ ମୁଖ୍ୟଅତିଥି, ସୋର ୟୁଏନ କଲେଜର ପ୍ରାଧ୍ୟାପକ ଡ ଶରତ ଚନ୍ଦ୍ର ମହାନ୍ତି ମୁଖ୍ୟବକ୍ତା, ଇଞ୍ଚୁଡି ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟର ସଭାପତି ସର୍ବେଶ୍ୱର ଦାସ, ଖଇରା ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଜିଲାପରିଷଦ ସଭ୍ୟା ଜୟନ୍ତୀ ମହଲା, ସରପଞ୍ଚ ତିଲୋତ୍ତମା ମଲ୍ଲିକ, ସମିତିସଭ୍ୟ ମନୋଜ ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଉପେନ୍ଦ୍ର ପାଢୀ ବିବରଣୀ ପାଠ, ଉପସଭାପତି ବିଷ୍ଣୁମୋହନ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଶହୀଦଙ୍କ ତ୍ୟାଗକୁ ପ୍ରତ୍ୟେକ ଯୁବପିଢି ଅନୁସରଣ କଲେ ଏହା ଜାତୀୟତାଭାବ ଜାଗ୍ରତ ପାଇଁ ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ମନ୍ତ୍ରୀ ୪୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଯାତ୍ରୀ ସୁବିଧା କେନ୍ଦ୍ର ଏବଂ ତୁଡିଗଡିଆ ବଜାର ଷ୍ଟ୍ରିଟଲାଇଟକୁ ଉଦ୍‌ଘାଟନ କରିଥିଲେ। ବସନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଓଡିଶା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡିଶୀ ଓ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା।

# ମହିଳା ଅଧ୍ୟାପିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ବସ୍ତା, ୨୮।୯(ସ୍ୱ.ପ୍ର)**

ବସ୍ତା ବ୍ଲକର ଏକ ମହାବିଦ୍ୟାଳୟରେ ଜଣେ ଅଧ୍ୟାପିକାଙ୍କୁ ସେହି କଲେଜର ୩ ଜଣ ଅଧ୍ୟାପକ ମାନସିକ ନିର୍ଯାତନା ଦେବା ସହ ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୧୫୦/୧୯) ରୁଜୁ କରିଛି।

ଏହି କଲେଜର ସଂସ୍କୃତ ବିଭାଗର ଅତିଥି ଅଧ୍ୟାପକ ଭାବେ ୨୦୧୫ରୁ ଜଣେ ଅଧ୍ୟାପିକା କାର୍ଯ୍ୟ କରିଆସୁଛନ୍ତି। କଲେଜ କର୍ତ୍ତୃପକ୍ଷ ତାଙ୍କୁ ୧୮ମାସ ହେଲା ଦରମା ଦେବାରେ ଟାଳଟୁଳ ନୀତି କରିଆସୁଛନ୍ତି। ଏନେଇ ସେ କଲେଜ ଦାୟିତ୍ୱରେ ଥିବା ଉପଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରିନାହିଁ। ଏଥିଯୋଗୁ ସେ ମାନସିକ ଚାପରେ ଥିବା ବେଳେ ସେହି କଲେଜର ୩ଜଣ ଅଧ୍ୟାପକ ତାଙ୍କୁ ସମସ୍ୟାର ସମାଧାନ ପାଇଁ ଡାକିଥିଲେ। ତାଙ୍କୁ ବର୍ଷର ୧୨ମାସ ବଦଳରେ ୮ମାସର ଦରମା ନେବାକୁ କହିଥିଲେ। ସେ ଏହାର ପ୍ରତିବାଦ କରିବାରୁ ଅଧ୍ୟାପକମାନେ ତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିଲେ। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି । ଅନ୍ୟପକ୍ଷରେ ଏହି ଅଧ୍ୟାପିକାଙ୍କ ନାମରେ ଏକ ପାଲଟା ଅଭିଯୋଗ ହୋଇଛି। ସଂସ୍କୃତ ବିଭାଗର ଅଧ୍ୟାପିକାଙ୍କ ଭଳି ୫ଜଣ ବିଭିନ୍ନ ବିଭାଗର ଅଧ୍ୟାପିକାମାନେ ମଧ୍ୟ ଅଦ୍ୟାବଧି ଦରମା ପାଇବାରୁ ବଞ୍ଚିତ ରହିଛନ୍ତି । ଏହି କଲେଜର ଦାୟିତ୍ୱ ଉପଜିଲାପାଳଙ୍କ ହାତରେ ନ୍ୟସ୍ତ ଥିବା ବେଳେ ଏସବୁ ସମସ୍ୟାର ସମାଧାନ ନ ହେବା ଓ ଜଳେଶ୍ୱର ବିଧାୟକ ମଧ୍ୟ ଏଥିରେ ହସ୍ତକ୍ଷେପ ନ କରିବା ପରିତାପର ବିଷୟ ବୋଲି ପୂର୍ବତନ ପରିଚାଳନା କମିଟି ସଭାପତି ତଥା ଜିଲା ପରିଷଦ ସଭ୍ୟ ନବକୃଷ୍ଣ ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏନେଇ ଏସ୍‌ଡ଼ିପିଓ ରଣଜିତ ପୃଷ୍ଟିଙ୍କୁ ପଚାରିବାରୁ ତାଙ୍କ ପାଖକୁ ଏହି ମାମଲା ପହଞ୍ଚି ନ ଥିବା କହିଛନ୍ତି।

# ବିଶ୍ୱ ପର୍ଯ୍ୟଟନ ଦିବସରେ ସଚେତନତା ଶୋଭାଯାତ୍ରା




ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ରାଲି।

**ସଜନାଗଡ଼, ୨୮।୯(ଡି.ଏନ.ଏ.)**

ନୀଳଗିରି ମହାବିଦ୍ୟାଳୟର ପର୍ଯ୍ୟଟନ ଓ ଆତିଥ୍ୟତା ବିଭାଗ ଦ୍ୱାରା ଶୁକ୍ରବାର ୪୯ତମ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଉମାକାନ୍ତ ଶତପଥୀ ଉଦ୍‌ଘାଟନ କରିଥିଲେ। ବିଭାଗ ତରଫରୁ ଏକ ବକ୍ତୃତା ପ୍ରତିଯୋଗିତା ‘କ୍ଲିନ୍ ଆଣ୍ଡ ଗ୍ରୀନ୍ ଇଣ୍ଡିଆ ଡ୍ରାଇଭ ଇଟ୍‌ସ ଇମ୍ପାକ୍ଟ ଅନ୍ ଟୁରିଜମ୍’ ଶୀର୍ଷକ ଉପରେ ଆୟୋଜନ କରାଯାଇଥିଲା। ଏଥିରେ ୧୨ଜଣ ଛାତ୍ରୀଛାତ୍ର ବକ୍ତୃତା ଦେଇଥିଲେ। ଏହାପରେ ବିଭାଗ ପକ୍ଷରୁ କୁଇଜ୍ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏଥିରେ ୨୮ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହାପରେ ଜନସଚେତନତା ପାଇଁ ଏକ ରାଲି କଲେଜ ପରିସରରୁ ବାହାରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରା ସମୟରେ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ତଥା ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଛାତ୍ରୀଛାତ୍ରଙ୍କ ସହ ସାମିଲ୍ ହୋଇଥିଲେ। ନୋଡାଲ ଅଫିସର ଡ. ସୁବ୍ରତ କୁମାର ନାୟକ, ଅଧ୍ୟାପକ ମନୋରଞ୍ଜନ ମହାପାତ୍ର, ଅଧ୍ୟାପିକା କିରଣବାଳା ସେଠୀ, ଅଧ୍ୟାପକ ଶୁଭ୍ରାଂଶୁ ଶେଖର ପାଢ଼ୀ, ଅଧ୍ୟାପକ ଡ. ଶଙ୍କର୍ଷଣ ନାୟକ, ବିଭାଗୀୟ ଅଧ୍ୟାପକ ଅଜିତ୍ କୁମାର ନାୟକ, ଅଧ୍ୟାପିକା ମମତା ଦାସ, ସୁସ୍ମିତା ନାୟକ, ହରପ୍ରିୟା ନାୟକ ଓ ସୁଲୋଚନା ସ ପ୍ରମୁଖଙ୍କ ସହ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

# ଏମ୍‌ଜିଏନଆରଇଜିଏସ୍ ସଚେତନତା ଶିବିର

**ରସାଳପୁର, ୨୮।୯(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତରେ ଜିଲା ପ୍ରକଳ୍ପ ପକ୍ଷରୁ ଏମ୍‌ଜିଏନଆରଇଜିଏସ୍‌ରେ ମଞ୍ଜୁର ହୋଇଥିବା ଅର୍ଥ କିଭଳି ସଫଳ ରୂପାୟନ ହୋଇପାରିବ ସେନେଇ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଯୋଜନାରେ ପାଖରୀ ଖନନ, ଗୋରୁ ଗୁହାଳ ନିର୍ମାଣ, ରାସ୍ତା ଓ ମାଟି କାମ କିଭଳି କାର୍ଯ୍ୟକାରୀ କରାଯିବ ସେନେଇ ଅତିଥିମାନେ ସଚେତନ କରାଇଥିଲେ। ଏହି ଅବସରରେ ସାନସାଉଁ ଗ୍ରାମ ପାଇଁ ଏକ ଖସଡ଼ା ପ୍ରସ୍ତୁତ କରାଯାଇ ଉପସ୍ଥିତ ଲୋକମାନଙ୍କୁ ବୁଝାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏମ୍‌ଜିଏନଆରଇଜିଏସ୍‌ର ସଂଯୋଜକ ସୌମ୍ୟାସୁଚିସ୍ମିତା ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶିକ୍ଷଣ) ଶୁଭଶ୍ରୀ ଜେନା, ବିପିଏମ୍ ସଞ୍ଜିତ ମହଲ, ସହସଂଯୋଜକ ସଞ୍ଜୀବ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୧୨ ବ୍ଲକରୁ ଦୁଇଜଣ ଲେଖାଏ କର୍ମଚାରୀ, ସ୍ଥାନୀୟ ସରପଞ୍ଚ ବିରୁପାକ୍ଷ ମହାପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ସାହୁ, ଜିଆର୍‌ଏସ୍ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ଗଠିତ

# ଡିଜେ ଉପରେ କଟକଣା



ଶାନ୍ତି କମିଟି ବୈଠକରେ ଉପସ୍ଥିତ ପୂଜା କମିଟି କର୍ମକର୍ତ୍ତା।

**ରୂପ୍‌ସା,୨୮।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ଶାରଦୀୟ ଦୁର୍ଗାପୂଜା ଓ ଦଶହରା ପର୍ବ ପାଳନ ପାଇଁ ଶନିବାର ସନ୍ଧ୍ୟାରେ ଏକ ଶାନ୍ତି କମିଟି ଗଠନ କରାଯାଇଛି। ଥାନାଧିକାରୀ ସୁଚନ୍ଦ୍ର ମହାଳିକ ବୈଠକରେ ଅଧ୍ୟକ୍ଷତା କରି ପୂଜାରେ ଡିଜେ ବଜାଇବା ଉପରେ କଟକଣା ଲାଗୁ କରି ନିରାଡ଼ମ୍ବର ଭାବେ ଭସାଣି ଉତ୍ସବ କରିବାକୁ ପରାମର୍ଶ ଦେଇଛନ୍ତି। ଷ୍ଟେଶନବଜାର, କସିପଦା, ପାଟପୁରବଜାର, ନୂଆଗାଁ ଓ ଜହତା ଦୁର୍ଗାପୂଜା କମିଟି ତରଫରୁ ଷ୍ଟେଶନ ମ୍ୟାନେଜର ମେଘରାୟ ହାଁସଦା ଓ ଶ୍ରୀପତି ରାଉତ, ଲମ୍ବୋଦର ଜେନା, ପ୍ରାକ୍ତନ ବିଇଓ ଜୟନ୍ତ କୁମାର ପାଣିଗ୍ରାହୀ, ସମିତିସଭ୍ୟା ଅଭିପ୍ସା ନାୟକ, ବିନୟ ବେହେରା, ପ୍ରାକ୍ତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ମଣ୍ଟୁ ପ୍ରଧାନ, ଆଙ୍କୋ ସରପଞ୍ଚ ପ୍ରତାପ ଚନ୍ଦ୍ର ଦଳେଇ, ସନ୍ତୋଷ ପରିଡ଼ା, ପ୍ରଶାନ୍ତ ପଟ୍ଟନାୟକ, ମହାଦେବ ଦାସ, ସନାତନ ମହାନ୍ତି, ରୂପ୍‌ସା ସରପଞ୍ଚ ସଞ୍ଜୟ କୁମାର ସେଠୀ ପ୍ରମୁଖ ଯୋଗଦେଇ ଉତ୍ସବ ସୁପରିଚାଳନା ଦିଗରେ ଆଲୋଚନା କରିଥିଲେ। ପୂଜା କମିଟି କର୍ମକର୍ତ୍ତା ଓ ପୋଲିସ ସହଯୋଗରେ ଉତ୍ସବ ପାଳନ କରାଯିବାର ନିଷ୍ପତ୍ତି ହୋଇଥିଲା। ଦଶହରାରେ ଆଙ୍କୋ ରାବଣପୋଡ଼ି ସମାରୋହ ଅନୁଷ୍ଠିତ ହୋଇ ଆତସବାଜି କାର୍ଯ୍ୟକ୍ରମ ହେବ ବୋଲି କର୍ମକର୍ତ୍ତା ସୂଚନା ଦେଇଥିଲେ। ଏହି ଅବସରରେ ଥାନାଧିକାରୀ ମହାଳିକ ଟ୍ରାଫିକ ନିୟମ ଖୁବ୍‌ଶୀଘ୍ର କଡ଼ାକଡ଼ି ଲାଗୁ ହେବ ବୋଲି ସୂଚନା ଦେଇଥିଲେ। ଏଏସ୍‌ଆଇ ହେମନ୍ତ କୁମାର ଦେବ ଧନ୍ୟବାଦ ଦେଇଥିଲେ।

# ଚିତ୍ର କର୍ମଶାଳାରେ ଭାଗ ନେଲେ ୩୪ ଶିଳ୍ପୀ

**ବାଲେଶ୍ୱର ଅଫିସ, ୨୮।୯**

ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଶନିବାର ଚିତ୍ର କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହି କର୍ମଶାଳା ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଆସନ୍ତା ୨ତାରିଖ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନରେ ଚିତ୍ର ପ୍ରଦର୍ଶନୀ କରାଯାଇ ଶିଳ୍ପୀମାନଙ୍କୁ ମାନପତ୍ର ପ୍ରଦାନ କରାଯିବ। କର୍ମଶାଳାରେ ମୋଟ ୩୪ଜଣ ଶିଳ୍ପୀ ଯୋଗଦେଇ ପୋଲାଜ, ପେନ୍ ଓ ଇଙ୍କ, ଭାସ୍କର୍ଯ୍ୟ ଓ ତୈଳଚିତ୍ର ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କର ପ୍ରତିଛବି ଅଙ୍କନ କରିବେ। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ କର୍ମଶାଳାରେ ଉପଜିଲାପାଳ ନିଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଅମ୍ରିତ ସରକାର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଲ, ଜିଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ମନସ୍ୱିନୀ ରାଉତ ପ୍ରମୁଖ ଉପସ୍ଥିତ ରହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଅଜିତ କୁମାର ଜେନା, ସଙ୍ଗୀତ ସାମନ୍ତରାଏ, ସୁଧାଂଶୁ ଶେଖର ଜେନା, ଦୈତାରୀ ବେହେରା, ଶଶାଙ୍କ ଶେଖର ଦାସ ଓ କର୍ମଚାରୀ ସୁଜିତ କୁମାର ଦାସ, ଦୀପକ ପ୍ରଧାନ, କହ୍ନେଇ ଚରଣ ପ୍ରଧାନ, ହିମାଂଶୁ ନାୟକ, ସଞ୍ଜୟ କୁମାର ବାରିକ ପ୍ରମୁଖ କର୍ମଶାଳା ପରିଚାଳନା କରିଛନ୍ତି।



କର୍ମଶାଳାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ଆଇନ ସଚେତନତା କାର୍ଯ୍ୟକ୍ରମ

**ସୋର, ୨୮।୯(ଡି.ଏନ୍.ଏ.)**

ସୋର ସତ୍ୟାନନ୍ଦ ହାଇସ୍କୁଲ ପରିସରରେ ତାଲୁକ୍‌ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସୋର କୋର୍ଟର ସବଜଜ୍ ଚିତ୍ତରଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗିରଥୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ, ତାଲୁକ୍ ଆଇନ ସେବା କମିଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଘଡାଇ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟରେ ଆଇନଗତ ଦିଗ ସମ୍ପର୍କରେ କହିଥିଲେ। ବିଶେଷ କରି ଏସିଡ୍ ମାଡରେ ଆହତଙ୍କୁ ଆଇନ୍ ସହାୟତା ଓ ଆକ୍ରମଣକାରୀଙ୍କୁ ଦଣ୍ଡ ବିଧାନରେ ଥିବା ବିଭିନ୍ନ ଦିଗ ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷକ ଶୁକଦେବ ନାୟକ ଧନ୍ୟବାଦ ଦେଇଥିଲେ।

# ‘କବିବରଙ୍କ ସାହିତ୍ୟ କୃତି ଅତୁଳନୀୟ’

**ସୋର,୨୮।୯(ଡି.ଏନ.ଏ.)**

**ରାଜ୍ୟସ୍ତରୀୟ ଜୟନ୍ତୀରେ ‘ପ୍ରକୃତି ପୂଜାରୀ କବିବର ରାଧାନାଥ’ ଉନ୍ମୋଚିତ**

ସୋର ବ୍ଲକ କେଦାରପୁର ଗ୍ରାମରେ କବିବର ରାଧାନାଥ ରାୟଙ୍କର ଜନ୍ମପୀଠରେ ୧୭୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ଶନିବାର ଉଦ୍‌ଘାଟିତ ହୋଇଛି। କବିବର ରାଧାନାଥ ସ୍ମୃତି ସଂସଦ ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀ ମିଳିତ ଆନୁକୂଲ୍ୟରେ ଏହି ଉତ୍ସବ ଦୁଇ ଦିନ ଧରି ପାଳନ ହେବ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସକାଳେ ପ୍ରଭାତଫେରି କରାଯାଇଥିଲା। ପରେ କବିବର ରାଧାନାଥ ସ୍ମୃତି ସଂସଦର ସମ୍ପାଦକ ଶୁଭେନ୍ଦୁ ରାୟ ଓ ସଭାପତି ଲକ୍ଷ୍ମୀନାରାୟଣ ରାୟଙ୍କ ସଭାପତିତ୍ୱରେ ସକାଳ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସୋର ବିଧାୟକ ପର୍ଶୁରାମ ଧଡ଼ା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କବିଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ ଡ. ରମାକାନ୍ତ ବେହେରା ଯୋଗଦେଇ ରାଧାନାଥଙ୍କ ସାହିତ୍ୟ କୃତି ଅତୁଳନୀୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ତ୍ୟାଗଭୂମି ସାଂସ୍କୃତିକ ସଚେତନ ଭଦ୍ରକର ସଭାପତି ଅଜୟ ନାୟକ ଯୋଗଦେଇ ରାଧାନାଥ ସାହିତ୍ୟର ବିଭିନ୍ନ ଦିଗ କହିଥିଲେ। ସଂସଦର ସହସମ୍ପାଦକ ଡ. ସତ୍ୟନାରାୟଣ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଶଶୀକାନ୍ତ ବେହେରା, ଅଭିଷେକ ବେହେରା, ବିଶ୍ୱନାଥ ଘୋଷ, ଗୌରାଙ୍ଗ ମହାପାତ୍ର, ଶଙ୍କର୍ଷଣ ନାୟକ, ପ୍ରଭାତ ପାକଳ, ମନୀନ୍ଦ୍ର ଦୀକ୍ଷିତ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟା ଅଧିବେଶନ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଶୁଭେନ୍ଦୁ ରାୟଙ୍କ ଦ୍ୱାରା ରଚିତ ‘ପ୍ରକୃତି ପୂଜାରୀ କବିବର ରାଧାନାଥ’ଙ୍କ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ବହୁ ରାଧାନାଥ ପ୍ରେମୀ, ସାହିତ୍ୟିକ, କବି ତଥା ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।



କବିବର ରାଧାନାଥ ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ବିଧାୟକ ପର୍ଶୁରାମ ଧଡ଼ା ଓ ଅନ୍ୟ ଅତିଥି।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନାରେ ବିକ୍ଷୋଭ

**ବାହାନଗା, ୨୮।୯(ଡି.ଏନ.ଏ.)**




ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବିଷ୍ଣୁପୁର ଗ୍ରାମରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାରଠାରୁ ଉତ୍ତେଜନା ଲାଗିରହିଛି। ଗ୍ରାମର ମହିଳା ଓ ପୁରୁଷମାନେ ଶନିବାର ବିକ୍ଷୋଭ କରିବା ସହିତ ଦୀର୍ଘ ୫ଘଣ୍ଟା ଧରି ଧାରଣାରେ ବସିଥିଲେ। ପରେ ଜଣେ ଲୋକପ୍ରତିନିଧିଙ୍କ ପୁଅ ଭୁଲ୍ ମାଗିବା ସହ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

ଉକ୍ତ ଲୋକପ୍ରତିନିଧିଙ୍କ ପୁଅ ଓ ତାଙ୍କ ସାଙ୍ଗ ଶୁକ୍ରବାର ଅପରାହ୍ନରେ ଗ୍ରାମରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ପାଖକୁ ଆସିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଚାମ୍ବରରେ ହୋମିଓପାଥି ଡାକ୍ତର ନ ଥିବାରୁ ସେମାନେ ଉତ୍ତେଜିତ ହୋଇ ତାଙ୍କ କ୍ୱାର୍ଟର୍ସରେ ପହଞ୍ଚି ଗାଳିଗୁଲଜ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ଗେଟ୍‌ରେ ତାଲା ପକାଇଦେଇଥିଲେ। ଅପରାହ୍ନରେ ଅନ୍ୟ ରୋଗୀମାନେ ଚିକିତ୍ସା ପାଇଁ ଆସିଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଯାଇଥିବାରୁ ଭିତରକୁ କେହି ଯାଇପାରି ନ ଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ଫାର୍ମାସିଷ୍ଟ ଔଷଧ ଦେଉଥିଲେ ମଧ୍ୟ ରୋଗୀମାନେ ତାଙ୍କ ପାଖକୁ ମଧ୍ୟ ଯାଇ ପାରି ନ ଥିଲେ। ଏହି ଘଟଣା ନେଇ ଶୁକ୍ରବାର ଅପରାହ୍ନରେ ଉତ୍ତେଜନା ଦେଖାଦେବାରୁ ସ୍ଥାନୀୟ ଲୋକପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ତାଲା ଖୋଲାଯାଇଥିଲା । ଏହି ଘଟଣାକୁ କେନ୍ଦ୍ର କରି ଶନିବାର ଗ୍ରାମର ସତ୍ୟଭାମା ମାଝିଙ୍କ ନେତୃତ୍ୱରେ କୌଶଲ୍ୟା ମାଝି, ସୁଲୋଚନା ମାଝି, ଭାରତୀ ମାଝି, ଶକୁନ୍ତଳା ମାଝି, ସାବିତ୍ରୀ ମାଝି, ଶକୁନ୍ତଳା ମାଝି, ପ୍ରତିମା ମାଝି, ଲକ୍ଷ୍ମୀ ମଳିକ, କଟି ମାଝି, ସରସ୍ୱତୀ ମାଝି, ମାଳତି ମାଝି ପ୍ରମୁଖ ମହିଳା ଓ ପୁରୁଷ ଏକାଠି ହୋଇ ଡାକ୍ତରଙ୍କ ପ୍ରତି ଦୁର୍ବ୍ୟବହାରର ପ୍ରତିବାଦ କରିବା ସହିତ ଧାରଣାରେ ବସିଥିଲେ । ସ୍ଥାନୀୟ ଲୋକପ୍ରତିନିଧି ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ ଦୁଇଦିନ ମଧ୍ୟରେ ଏହା ସମାଧାନ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆନ୍ଦୋଳନକାରୀମାନେ କିଛି ଶୁଣି ନ ଥିଲେ। ଲୋକପ୍ରତିନିଧିଙ୍କ ପୁଅ ଆସି ଡାକ୍ତରଙ୍କୁ ସର୍ବସାଧାରଣଙ୍କ ସାମ୍ନାରେ ଭୁଲ ମାଗିବା ସହ ଆଉ କେବେ ଏଭଳି କାର୍ଯ୍ୟ କରିବେ ନାହିଁ ଲିଖିତ ଭାବେ ଦେବା ପାଇଁ ସେମାନେ ଅଡି ବସିଥିଲେ। ଗୋପାଳପୁର ଫାଣ୍ଡି ପୋଲିସ୍ ପହଞ୍ଚି ବୁଝାଶୁଝା କରୁଥିବା ବେଳେ ଲୋକପ୍ରତିନିଧିଙ୍କ ପୁଅ ଭୁଲ ମାଗିବା ସହିତ ଏଭଳି କାର୍ଯ୍ୟ କରିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନକାରୀମାନେ ଧାରଣାରୁ ହଟିଥିଲେ।

ଲୋକେ ଦର୍ଶାଇଛନ୍ତି ଯେ, ଏହି କେନ୍ଦ୍ରରେ ଦୀର୍ଘ ଦୁଇବର୍ଷ ଧରି ଜଣେ ହୋମିଓପାଥି ଡାକ୍ତର ନିଯୁକ୍ତି ହୋଇଛନ୍ତି। ମାତ୍ର ଏଠାରେ ଜଣେ ଏଲୋପାଥିକ ଫାର୍ମାସିଷ୍ଟ ମଝିରେ ମଝିରେ ଆସି ଚିକିତ୍ସା କରିବା ସହିତ ଔଷଧ ପ୍ରଦାନ କରନ୍ତି। ଉକ୍ତ ଡାକ୍ତର ରୋଗୀଙ୍କୁ ଚିକିତ୍ସା କରିଥାନ୍ତି। ଏଭଳି ସ୍ଥିତିରେ ତାଙ୍କୁ ହଇରାଣ କରାଯିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ‘ଏ ମାଟିକୁ ଧନ୍ୟ କରିଛି ଶହୀଦଙ୍କ ବଳିଦାନ’


ପତାକା ଉତ୍ତୋଳନ ବେଳେ ଅତିଥି ଓ ଅନ୍ୟମାନେ।


ଶହୀଦ ପୀଠରେ ମାଲ୍ୟାର୍ପଣ କରାଯାଉଛି।

**ବାସୁଦେବପୁର, ୨୮।୯ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁରର ରକ୍ତତୀର୍ଥ ଇରମଠାରେ ଶନିବାର ପର୍ଯ୍ୟଟନ ଉନ୍ନୟନ ପରିଷଦ ଓ ଶହୀଦ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ୭୭ତମ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରଭାତଫେରି କରିଥିଲେ। ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ ପହଞ୍ଚି ଶହୀଦ ପୀଠ ଓ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ। ପରେ ୮ଟା ୩୦ରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଶହୀଦମାନଙ୍କ ଆତ୍ମବଳିଦାନ ସଂଗ୍ରାମୀ ମାଟି ବାସୁଦେବପୁରକୁ ଧନ୍ୟ କରିଛି ବୋଲି ସେ କହିଥିଲେ। ଶହୀଦ ଓ ସଂଗ୍ରାମୀଙ୍କ ନୀତି ଆଦର୍ଶକୁ ପାଥେୟ କରି ଯୁବ ସମାଜ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଉତ୍ସବରେ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ପର୍ଯ୍ୟଟନ ଉନ୍ନୟନ ପରିଷଦ ସଭାପତି, ବିଡିଓ ପ୍ରଣବ କୁମାର ବେହେରା ଓ ଇରମ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ ଉପସ୍ଥିତ ଥିଲେ। ପ୍ରବଚକ ଗୋପାଳ ବେଜ ରାମଧ୍ୱନି କରିଥିଲେ। ଶହୀଦମାନଙ୍କ ଉଦ୍ଦେଶ୍ୟରେ ଜିଲା ଆରକ୍ଷୀ ବାହିନୀ ପକ୍ଷରୁ ଶହୀଦ ସଲାମୀ ପ୍ରଦାନ କରାଯାଇଥିଲା। ଭଦ୍ରକ ଏସ୍‌ପି ରାଜେଶ ପଣ୍ଡିତ ଏହି କାର୍ଯ୍ୟକ୍ରମ ବେଳେ ଉପସ୍ଥିତ ଥିଲେ। ଶହୀଦ ତୀର୍ଥଯାତ୍ରୀ ସଂଘ ପକ୍ଷରୁ ଶହୀଦ ପୀଠ ଓ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ସଂଘର ସଭାପତି ବୈଲୋଚନ ଜେନା, ସମ୍ପାଦକ ବସନ୍ତ ଦାସଙ୍କ ନେତୃତ୍ୱରେ ଏକ ପଟୁଆର କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତିଠାରୁ ବାହାରି ଇରମଠାରେ ପହଞ୍ଚିଥିଲା। ସେହିପରି ପୂର୍ବାହ୍ନରେ କଂଗ୍ରେସ ପକ୍ଷରୁ ଜିଲା ସଭାପତି ଅଶୋକ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରାଙ୍କ ସହ ଶତାଧିକ କର୍ମୀ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ମଧ୍ୟାହ୍ନରେ ଭଦ୍ରକ ଜାତୀୟ କବି ବାଞ୍ଛାନିଧି ସ୍ମୃତି ପରିଷଦ ପକ୍ଷରୁ ସଭାପତି ଦୁର୍ଯ୍ୟୋଧନ ଦାସ, ସମ୍ପାଦକ ଅଶୋକ ମହାନ୍ତି, ସହସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତି, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମହାନ୍ତି, ନୃସିଂହ ଚରଣ ମଲ୍ଲିକ, ଅକ୍ଷୟ ରାଉତ, ମାନସ ମିଶ୍ର, ହିମାଂଶୁ ଶେଖର ସାହୁ, ଦିଲୀପ ଦାସ, ଜ୍ୟୋତିର୍ମୟୀ ପଣ୍ଡା, ଆଲୋକ ରଞ୍ଜନ ମିଶ୍ର, ହରିଶ୍ଚନ୍ଦ୍ର ମହାନ୍ତି, ଅଭିମନ୍ୟୁ ଦଳେଇ ପ୍ରମୁଖ ଶହୀଦ ପୀଠ, ସ୍ମୃତିସ୍ତମ୍ଭ, କବି ବାଞ୍ଛାନିଧି ଓ ସଂଗ୍ରାମୀ ଗଣେଶ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଭଦ୍ରକ ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଦେବଦର୍ଶନ ଦାସ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ସରପଞ୍ଚ ଦୀନବନ୍ଧୁ ଦାସ, ବିଧାୟକ ପ୍ରତିନିଧି ଅସିତ ଦାସ, ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ସାହିତ୍ୟ ଅନୁଷ୍ଠାନ ଅବସର ପକ୍ଷରୁ ଶହୀଦ ସ୍ମୃତିସ୍ତମ୍ଭ, ସମାଧି ପୀଠରେ ମାଲ୍ୟାର୍ପଣ କରାଯାଇଥିଲା। ସମ୍ପାଦକ ବନମାଳୀ ବାରିକ, ଗୀତିକାର ପୀତାମ୍ବର ମିଶ୍ର, କବି ପ୍ରହ୍ଲାଦ ବାରିକ ଓ ରତ୍ନାକର ପଣ୍ଡା ପ୍ରମୁଖ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ଶହୀଦ ମେମୋରିଆଲ ସଂଗ୍ରାମୀ ମହାସଂଘ ସମ୍ପାଦିକା ସରସ୍ୱତୀ ଦାସଙ୍କ ନେତୃତ୍ୱରେ ତିଳତର୍ପଣ କରିଥିଲେ ଶହୀଦଙ୍କ ପରିବାର ବର୍ଗ। ଏହି ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

## ମହାକାଳୀ ବେଶରେ ମା’


ପବିତ୍ର ମହାଳୟାରେ ଆରଡ଼ି ଆଖଣ୍ଡଳମଣି ପୀଠରେ ଶନିବାର ମା’ ଦୁର୍ଗା ମହାକାଳୀ ବେଶରେ ଦର୍ଶନ ଦେଉଛନ୍ତି।

## ସଂକ୍ଷେପରେ

### ମେଡିକାଲରୁ ଆଉ ୨ ଦଲାଲ ଗିରଫ

**ଭଦ୍ରକ ଅଫିସ, ୨୮।୯:** ଭଦ୍ରକ ଜିଲା ଚିକିତ୍ସାଳୟରୁ ଶନିବାର ଆଉ ୨ ଦଲାଲଙ୍କୁ ଗିରଫ କରିଛି ଟାଉନ ଥାନା ପୋଲିସ। ରାଜ୍ୟ ସରକାର ମେଡିକାଲ ଓ ଆର୍‌ଟିଓକୁ ଦଲାଲମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ପୋଲିସ ତତ୍ପର ହୋଇଉଠିଛି। ଏହାପୂର୍ବରୁ ୬ ଦଲାଲଙ୍କୁ ଗିରଫ କରାଯାଇଥିଲା। ଶନିବାର ଗିରଫ ହୋଇଥିବା ୨ ଜଣଙ୍କ ମଧ୍ୟରୁ ଜଣେ ମହିଳା ଥିବା ଜଣାପଡ଼ିଛି। ଗିରଫ ଦୁଇଜଣ ହେଲେ ଗ୍ରାମାଞ୍ଚଳ ଥାନା ଅଧୀନ ରାଜପୁର ଗାଁର ସୁଭାଷିନୀ ସାହୁ ଓ କୁଆଁସ ଗ୍ରାମର ସାଗର ମୁଖୀ। ଗିରଫ ସାଗର ଜଣେ ଅଟୋ ଚାଳକ ବୋଲି ଜଣାପଡ଼ିଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଟାଉନ ଥାନାରେ ମାମଲା(ନଂ.୨୯୦/୧୯) ରୁଜୁ ହୋଇଛି।

### ୫ ବଖରା ଜଳିଗଲା

**ଭଦ୍ରକ ଅଫିସ, ୨୮।୯:** ଭଦ୍ରକ ବ୍ଲକ ବରହମ୍ପୁର ପଞ୍ଚାୟତ ମାଳି ଅରୁଆ ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ପରିବାରର ୫ ବଖରା ଘର ଜଳିଯାଇଛି। ଗ୍ରାମର ଗୁରୁବା ସିଂ ଓ ସାରଥି ସିଂଙ୍କ ଘର ପୋଡ଼ି ଯାଇଥିବା ବେଳେ ୨୦ଟି କୁକୁଡ଼ା ଓ ଗୋଟିଏ ଗୋରୁ ଜୀବନ୍ତଦଗ୍ଧ ହୋଇଯାଇଛନ୍ତି। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। କ୍ଷତିଗ୍ରସ୍ତ ଦୁଇ ପରିବାର ଭୂମିହୀନ ଆଦିବାସୀ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରାଯାଇଛି।

### ଚିତ୍ରାଙ୍କନ, ପ୍ରବନ୍ଧ ପ୍ରତିଯୋଗିତା

**ଭଣ୍ଡାରିପୋଖରୀ, ୨୮।୯ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଶାରଦା ବିଦ୍ୟାମନ୍ଦିର ପରିସରରେ ଭଦ୍ରକ ପୂର୍ତ୍ତ ବିଭାଗ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୩ଟି ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଓ ତୃତୀୟ ପାଇଁ ୧ମ ବର୍ଗ, ଚତୁର୍ଥ ଓ ପଞ୍ଚମ ୨ୟ ବର୍ଗ, ଷଷ୍ଠ ଓ ସପ୍ତମ ୩ୟ ବର୍ଗ ଚିତ୍ରାଙ୍କନ ପ୍ରତିଯୋଗିତାରେ ମୋଟ ୫୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ପାଇଁ ପ୍ରବନ୍ଧ ପ୍ରତିଯୋଗିତାରେ ୨୮ ପ୍ରତିଯୋଗୀ ଭାଗ ନେଇଥିଲେ। ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଲାଗି ବିଷୟବସ୍ତୁ ଥିଲା ‘ସ୍ୱଚ୍ଛତା ହିଁ ସେବା’। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ପୁରସ୍କୃତ କରାଯିବ ବୋଲି ସହକାରୀ ଯନ୍ତ୍ରୀ ସ୍ୱାଇଁ ସୂଚନା ଦେଇଥିଲେ। ଶିକ୍ଷୟିତ୍ରୀ ସୁସ୍ମିତା ସ୍ୱାଇଁ, ଦମୟନ୍ତୀ ଦାସ, ପ୍ରତିଭା ନାୟକ, ବିଶ୍ୱପ୍ରଭା ପଲେଇ, ସୁଶାନ୍ତ ସେନାପତି, କେଶବ ଚନ୍ଦ୍ର ସେଠୀ, ଦିଲୀପ ଜେନା, ଦୁର୍ଯ୍ୟୋଧନ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସଡ଼କ ସୁରକ୍ଷା ସଚେତନତା

**ଭଦ୍ରକ ଅଫିସ, ୨୮।୯:** ରୋଟାରୀ ସେବା ସପ୍ତାହ ପାଳନର ଦ୍ୱିତୀୟ ଦିବସରେ ଭଦ୍ରକ ରୋଟାରୀ କ୍ଲବ ଆନୁକୂଲ୍ୟରେ ସାଲନ୍ଦୀ ନର୍ସିଂ ସ୍କୁଲ ପରିସରରେ ସଡ଼କ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ରୋଟାରୀ କ୍ଲବର ସଭାପତି ଡା.ସୁଧିରଞ୍ଜନ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ରୋଟାରାକ୍ଟ, ଇଣ୍ଟରାକ୍ଟ କ୍ଲବର ସମସ୍ତ ୮୫ ସଦସ୍ୟଙ୍କ ସହ ଭଦ୍ରକର ବରିଷ୍ଠ ଅଧିବକ୍ତା ତୁଷାରକାନ୍ତି ମହାନ୍ତି ସଡ଼କ ନିରାପତ୍ତା ସମ୍ପର୍କିତ ନିୟମ ବିଷୟରେ ଆଲୋଚନା କରିଥିଲେ। ଏହି ନିୟମକୁ ନିଷ୍ଠାର ସହିତ ପାଳନ କରିବାକୁ ସେ ସମସ୍ତ ଯୁବକ ଓ ପିଲାଙ୍କୁ ପରାମର୍ଶ ଦେଇଥିଲେ। ଭଦ୍ରକ ରୋଟାରୀ କ୍ଲବର ପୂର୍ବତନ ସଭାପତି ଗୟାଧର ପଣ୍ଡା, ଅଜିତ୍ ଦାସ ଓ ଡା. ପ୍ରଭାସ ମହାନ୍ତି ଯୋଗଦେଇ ଆଲୋଚନା କରିଥିଲେ। ସାଲନ୍ଦୀ ନର୍ସିଂ ସ୍କୁଲର ଅଧ୍ୟକ୍ଷା ଉର୍ମିଳା ପାତ୍ର ଅଂଶଗ୍ରହଣକାରୀଙ୍କର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଆସନ୍ତା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ରୋଟାରୀ କ୍ଲବ ଦ୍ୱାରା ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଗ୍ରହଣ ଅବସରରେ ଏହି ସଚେତନତା ସଭା ଆୟୋଜନ କରାଯାଇଥିଲା।

## ଆଜିଠୁ ଆରମ୍ଭ ଗଣେଶ ଭସାଣି ଉତ୍ସବ

# ପୁରୁଣାବଜାରରେ ସୁରକ୍ଷା କଡ଼ାକଡ଼ି

**ଭଦ୍ରକ ଅଫିସ, ୨୮।୯**

ଭଦ୍ରକରେ ରବିବାରଠାରୁ ଆରମ୍ଭ ହେବ ଗଣେଶ ଭସାଣି ଉତ୍ସବ। ୩ ଦିନ ପର୍ଯ୍ୟନ୍ତ ବିଭିନ୍ନ ଗଣେଶ ଭସାଣି ଉତ୍ସବ ଚାଲିବ। ଏହାକୁ ଦୃଷ୍ଟିରେ ରଖି ଶନିବାର ସନ୍ଧ୍ୟାରେ ପୁରୁଣାବଜାର ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଜିଲା ଓ ଜିଲା ବାହାରୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ଭସାଣି ଉତ୍ସବ ପାଇଁ ସ୍ୱତନ୍ତ୍ର ଭାବେ ନିୟୋଜିତ କରାଯାଇଛି। ଅଭିଜ୍ଞ ପୋଲିସ ଅଧିକାରୀମାନଙ୍କୁ ନେଇ ପ୍ରାୟ ୧୦ ପ୍ଲାଟୁନ ପୋଲିସ ଫ୍ଲାଗ୍‌ମାର୍ଚ୍ଚରେ ସାମିଲ ଥିଲେ। ରବିବାର ବୁଢାଗଣେଶ, ମଙ୍ଗଳବାର ପିଲାଗଣେଶ ଓ ବୁଧବାର ଟୋକା ଗଣେଶ ଭସାଣି ଥିବାରୁ ପୋଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଛି।


ପୋଲିସର ଫ୍ଲାଗ୍‌ମାର୍ଚ୍ଚ।

## ଦ୍ରବ୍ୟ ଓ ସେବା କର ସମ୍ପର୍କିତ ପାଠଚକ୍ର

**ଭଦ୍ରକ ଅଫିସ, ୨୮।୯**

ଭଦ୍ରକ ଚରମ୍ପା ମହାବିଦ୍ୟାଳୟ ସଭାଗୃହରେ ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ ଦ୍ରବ୍ୟ ଓ ସେବା କର ସମ୍ପର୍କିତ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବ୍ରଜକିଶୋର ବଳ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ସୌରେଶ ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦ୍ରବ୍ୟ ଓ ସେବା କର ଲାଗୁ ହେବାର ଦୁଇବର୍ଷ ବିତିଯାଇଥିବା ବେଳେ ଭାରତୀୟ ଅର୍ଥନୀତି ଉପରେ ଏହାର ପ୍ରଭାବ ସମ୍ପର୍କରେ ସେ ବକ୍ତବ୍ୟ ରଖିଥିଲେ। ବିଷୟ ବିଶାରଦ ଭାବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପକ ପ୍ରତାପ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରବୀର ମହାପାତ୍ର ଅତିଥି ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ପାଠଚକ୍ର ପରିଚାଳନା କରିଥିଲେ ଅଧ୍ୟାପିକା ନେହାରାଣୀ ପାଢ଼ୀ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

ଭଦ୍ରକ

**୨୯।୯।୧୯(ରବିବାର)**
- ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା, ସ୍ଥାନ: ବାସୁଦେବପୁର ପୌରପାଳିକା, ସମୟ: ସକାଳ ୮ଟା।
- ବୁଢ଼ାଗଣେଶ ଭସାଣି ଉତ୍ସବ, ସ୍ଥାନ: ପୁରୁଣାବଜାର, ସମୟ: ଅପରାହ୍ନ ୧ ଟା।

**୩୦।୯।୧୯(ସୋମବାର)**
- ମିଳିତ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଭଦ୍ରକ ବ୍ଲକ ଅଫିସ, ସମୟ: ପୂର୍ବାହ୍ନ ୧୦ଟା ୩୦।

**୧।୧୦।୧୯(ମଙ୍ଗଳବାର)**
- ପିଲା ଗଣେଶ ଭସାଣି ଉତ୍ସବ, ସ୍ଥାନ: କୁଆଁସ, ସମୟ: ଅପରାହ୍ନ ୧ଟା।

**୨।୧୦।୧୯(ବୁଧବାର)**
- ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ ପାଳନ, ସ୍ଥାନ: ଭଦ୍ରକ, ସମୟ: ସକାଳ ୯ଟା।
- ଟୋକା ଗଣେଶ ଭସାଣି ଉତ୍ସବ, ସ୍ଥାନ: ପୁରୁଣାବଜାର, ସମୟ: ଅପରାହ୍ନ ୧ଟା।

## ‘ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବିଜ୍ଞାନ’

**ଭଣ୍ଡାରିପୋଖରୀ, ୨୮।୯ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ସରସଦା ସଂଯୁକ୍ତ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ ଗଦାଧର ଜେନାଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟାୟ ସାରଣୀର ମୌଳିକ ଉପାଦାନ, ମାନବ କଲ୍ୟାଣରେ ଏହାର ପ୍ରଭାବ, ଆଧୁନିକ ବିଶ୍ୱରେ ବିଭିନ୍ନ କ୍ଷେତ୍ର ଯଥା ଶକ୍ତି, କୃଷି, ଶିଳ୍ପ, ଦୈନନ୍ଦିନ ଜୀବନ, ମହାକାଶ ବିଜ୍ଞାନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଆୟୋଜିତ ସଭାରେ ବଳଦେବଜୀଉ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ବିଜ୍ଞାନ ସଂଯୋଜକ ସୁବଳ ପତ୍ରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଜ୍ଞାନ ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅକ୍ଷୟ କୁମାର ଯେନା ଓ ଶିକ୍ଷା ସଂଯୋଜକ ଗୌରାଙ୍ଗ ଚରଣ ସାହୁ ଯୋଗ ଦେଇଥିଲେ। ପୀତାମ୍ବର ରାଉତ ଓ ପଦ୍ମନାଭ ପାଣି ବିଚାରକ ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ୨୫ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସେମିନାରରେ ଭାଗ ନେଇଥିଲେ। ବେଦପାଠ କରିଥିଲେ ରାଧାଶ୍ୟାମ ଦାଶ। ଭକ୍ତି ନୈବେଦ୍ୟ ସାମଲ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ସଞ୍ଜୟ ନନ୍ଦ ଅତିଥି ପରିଚୟ, ପ୍ରକାଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# କାର୍ଯ୍ୟକାରୀ ହେଉନି ଦିବ୍ୟାଙ୍ଗ ଅଧିକାର ଆଇନ

**ବନ୍ତ, ୨୮।୯ (ସ୍ୱ.ପ୍ର.)**

ଦିବ୍ୟାଙ୍ଗ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ପ୍ରତି ବ୍ଲକରେ ଥିବା ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷାଦାତା ନିଯୁକ୍ତି ଲାଗି ୨୦୧୬ରୁ ଦିବ୍ୟାଙ୍ଗ ଅଧିକାର ଆଇନ ପ୍ରଚଳନ କରାଯାଇଛି। ଏହି ଆଇନକୁ କଡ଼ାକଡ଼ି ପାଳନ କରିବାକୁ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ତାହା ଏପର୍ଯ୍ୟନ୍ତ ଓଡ଼ିଶାରେ କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ଦିବ୍ୟାଙ୍ଗ ପିଲାମାନଙ୍କୁ ଶିକ୍ଷାଦାନ ଲାଗି ବହୁ ପ୍ରଶିକ୍ଷକ ନିଯୁକ୍ତି ପାଇପାରୁ ନାହାନ୍ତି। ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଶିକ୍ଷାଦାତା ସଂଘ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନ ଡାକରା ଦିଆଯିବ ବୋଲି ସ୍ୱତନ୍ତ୍ର ଶିକ୍ଷାଦାତା ସଂଘର ଜିଲା ସଭାପତି ସତ୍ୟପ୍ରକାଶ ରାଉତ ଏକ ପ୍ରେସ୍ ବିବୃତିରେ କହିଛନ୍ତି। ସେ ଦର୍ଶାଇଛନ୍ତି ଯେ, ଦିବ୍ୟାଙ୍ଗମାନଙ୍କ ପାଇଁ ସରକାର ଯୋଜନା ପରେ ଯୋଜନା ଘୋଷଣା କରୁଛନ୍ତି। ରାଜ୍ୟ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗକୁ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଚିଠି ଆସିବା ପରେ ବି ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ବିଦ୍ୟାଳୟରେ ଦିବ୍ୟାଙ୍ଗ ପିଲାମାନେ ସାଧାରଣ ପିଲାଙ୍କ ପରି ଶିକ୍ଷାଲାଭ କରିବାରେ ଅସମର୍ଥ ଥିବାବେଳେ ପ୍ରଚଳିତ ଶିକ୍ଷା ପଦ୍ଧତିରେ ଦିଆଯାଉଥିବା ଶିକ୍ଷାଦାନ ସେମାନଙ୍କ ପାଇଁ ବୋଧଗମ୍ୟ ହୋଇପାରୁନି। ସେମାନଙ୍କୁ ଶିକ୍ଷା ଦେବା ଲାଗି ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି ଆବଶ୍ୟକତା ରହିଛି। ଏହି ଆଇନ କାର୍ଯ୍ୟକାରୀ ହେଉ ନ ଥିବାରୁ ଦିବ୍ୟାଙ୍ଗ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ମିଳିପାରୁ ନାହିଁ। ସେହିପରି ତାଲିମପ୍ରାପ୍ତ ଶିକ୍ଷକ ଭାବେ ଅପେକ୍ଷାରତ ବେକାର ଯୁବତୀଯୁବକ ନିଯୁକ୍ତ ହୋଇପାରୁ ନାହାନ୍ତି। ତାଲିମପ୍ରାପ୍ତ ଶିକ୍ଷାଦାତା ସଂଘ ପକ୍ଷରୁ ବିଭିନ୍ନ ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ବିଧାନସଭା ଆଗରେ ଆନ୍ଦୋଳନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ଏଣୁ ପୁଣି ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିବା ସେ ଦର୍ଶାଇଛନ୍ତି।

## ବାର୍ଷିକ ଉତ୍ସବରେ ସେବା

**ଭଦ୍ରକ ଅଫିସ, ୨୮।୯**

ଭଦ୍ରକ ନେତାଜୀ ସୁଭାଷ ବାହିନୀର କର୍ମକର୍ତ୍ତା ଶନିବାର ନିଆରା ଢଙ୍ଗରେ ସଙ୍ଗଠନର ୫ମ ବାର୍ଷିକ ଉତ୍ସବ ପାଳନ କରିଛନ୍ତି। ସଭାପତି ବିକାଶ ଶ୍ରେଷ୍ଠାଙ୍କ ନେତୃତ୍ୱରେ କର୍ମକର୍ତ୍ତା ସକାଳୁ ଚରମ୍ପାସ୍ଥିତ ହନୁମାନ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ ସହ ପ୍ରସାଦ ବଣ୍ଟନ କରିଥିଲେ। ସେଠାରୁ ଶୋଭାଯାତ୍ରାରେ ଆସି ରହଣିଆ ପାର୍କ ପରିସରରେ ଚାରାରୋପଣ କରାଯାଇଥିଲା। ପରେ ପଗଡସ୍ଥିତ କନ୍ୟାଶ୍ରମରେ ସେମାନେ ପହଞ୍ଚି ଅନ୍ତେବାସିନୀଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ସମ୍ପାଦକ ଅମିୟାଂଶୁ ସାହାଣୀ, ସହସମ୍ପାଦକ ସତ୍ୟସାଇ ପରିଡ଼ା, କୋଷାଧ୍ୟକ୍ଷ ବିକାଶ ଦାସ, ଦେବଜ୍ୟୋତି ରଥ, ଉଦିତ୍ ମହାନ୍ତି, ରଶ୍ମିରଞ୍ଜନ ସାହୁ, ପ୍ରଭାକର ସାମଲ, ଶିବାନନ୍ଦ ଭଟ୍ଟାଚାର୍ଯ୍ୟ, ବାପିନ ମହାପାତ୍ର ପ୍ରମୁଖ ସାମିଲ ଥିଲେ। ଅପରାହ୍ନରେ ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ଶପଥପାଠ କରାଯାଇଥିଲା।

# ‘ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ’


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଜଣେ ଛାତ୍ରୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ଭଦ୍ରକ ଅଫିସ, ୨୮।୯**

ଭଦ୍ରକ ସଂସ୍କୃତି ଭବନ ପରିସରରେ ଶନିବାର ରୋଟାରୀ କ୍ଲବ ଆନୁକୂଲ୍ୟରେ ବିବେକାନନ୍ଦ ଦିବସ, ଖଟାଉ ସୁନ୍ଦର ବକ୍ତୃତା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଡା. ସୁଧୀରଞ୍ଜନ ନାୟକଙ୍କ ସଭାପତିତ୍ୱ ଏବଂ ଚେୟାରମ୍ୟାନ ମନୋଜ ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। କୋଠାର ରାମକୃଷ୍ଣ ଆଶ୍ରମର ଅଧ୍ୟକ୍ଷ ସ୍ୱାମୀ ବାସୁପ୍ରଦାନନ୍ଦ ଉଦ୍‌ଘାଟକ ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ଦେବଜ୍ଞ ବିରେନ୍ଦ୍ର ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଡା.ପ୍ରଭାସ ମହାନ୍ତିଙ୍କ ପରିଚାଳନାରେ ବିଦ୍ୟାଳୟସ୍ତରୀୟ ଖଟାଉ ସୁନ୍ଦର ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ପ୍ରଫେସର ରାଜକିଶୋର ସାହୁ ଓ ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବ ପ୍ରାରମ୍ଭରେ କ୍ଲବର ସଭାପତି ଡା. ନାୟକ ସ୍ୱାଗତ ଭାଷଣ ଓ ସମ୍ପାଦକ ତୁଷାରକାନ୍ତି ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ରୋଟାରିଆନ ସୁମିତ୍ରା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱଚ୍ଛାଗ୍ରହ ବିଦ୍ୟାଳୟ, ଛାତ୍ରୀଛାତ୍ର ସମ୍ମାନିତ

**ଭଦ୍ରକ ଅଫିସ, ୨୮।୯**

ଭଦ୍ରକ ସଂସ୍କୃତି ଭବନଠାରେ ଧାମରା ଆଦାନୀ ଫାଉଣ୍ଡେଶନ ପକ୍ଷରୁ ସ୍ୱଚ୍ଛାଗ୍ରହ ସମ୍ମାନିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ସଂଗ୍ରାମ କେଶରୀ ସାହୁ ମୁଖ୍ୟଅତିଥି ଏବଂ ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ, ବିଜ୍ଞାନ ସୁପରଭାଇଜର ସରୋଜ ସାହୁ, ପୂର୍ବତନ ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ ରାୟ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଧାମରା ଓ ଭଦ୍ରକ ଅଞ୍ଚଳର ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସ୍ୱଚ୍ଛାଗ୍ରହ ବିଦ୍ୟାଳୟ ଭାବେ ହମିରିବିନ୍ଧା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଥମ, କୋଡବରୁଆଁ ମଧ୍ୟଇଂରାଜୀ ବିଦ୍ୟାଳୟ ଦ୍ୱିତୀୟ ଏବଂ ଓକର ଉଚ୍ଚ ବିଦ୍ୟାଳୟ ତୃତୀୟ ହୋଇଥିବା ବେଳେ ପ୍ରଧାନଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ଶ୍ରୀମାଞ୍ଜଳି କର, ରଜନୀ ଖଟୁଆ, ଦେବାଶିଷ ନାୟକ, ଯିଶୁଜନ୍ମ ଦାସ, ବିଜୟାନନ୍ଦ ସାମନ୍ତ, ଆଦିତ୍ୟ ପ୍ରଭଞ୍ଜନ ପ୍ରଧାନ, ଶୁଭମ୍ ଦାସ, ଅର୍ଚ୍ଚିତା ନାୟକ, ଚିନ୍ମୟୀ ମହାପାତ୍ର ପ୍ରମୁଖ ପୁରସ୍କୃତ ହୋଇଥିଲେ। ସତ୍ୟରଞ୍ଜନ ମିଶ୍ର ଓ ସିଦ୍ଧାର୍ଥ ଦେ ସହାୟତା କରିଥିଲେ।

# ଲଗାଣବର୍ଷାରେ ଧସିଲା ବୈତରଣୀ ନଦୀବନ୍ଧ

**ଭଣ୍ଡାରିପୋଖରୀ, ୨୮।୯(ଡି.ଏନ୍.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା-ବିରିଡ଼ି ବୈତରଣୀ ନଦୀବନ୍ଧର ଯଶୋଟିକିରି ଜେନାସାହି ଗାଁ ପାଖ ବନ୍ଧ ଲଗାଣ ବର୍ଷାରେ ଧସିବା ଆରମ୍ଭ କରିଛି। ଗତ ତିନିଦିନ ଧରି ବର୍ଷା ଲାଗି ରହିବାରୁ ମାଟି ଧୀରେ ଧୀରେ ଫାଟି ଧସିଛି। ଉକ୍ତ ସ୍ଥାନ ବ୍ୟତୀତ ଦଳେଇସାହି ଓ ବେହେରାସାହି ନିକଟରେ ମଧ୍ୟ ବନ୍ଧ ଫାଟୁଥିବା ଗ୍ରାମବାସୀ ଚକ୍ରଧର ମଲିକ, ପ୍ରଫୁଲ୍ଲ ବେହେରା, ସନାତନ ବେହେରା ଓ ଅଜୟ ବେହେରା ପ୍ରକାଶ କରିଛନ୍ତି। ନଦୀବନ୍ଧ ଫାଟୁଥିବା ସ୍ଥାନରେ ସ୍ଥାୟୀ ମରାମତି ପାଇଁ ଜଳସମ୍ପଦ ବିଭାଗ ଦୃଷ୍ଟି ଦେବାକୁ ଦାବି କରାଯାଇଛି।


ନଦୀବନ୍ଧ ଧସିଥିବା ସ୍ଥାନରେ ଲୋକେ।

ଉଲ୍ଲେଖନୀୟ ଯେ, ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ୨୦୧୫-୧୬ ଆର୍ଥିକ ବର୍ଷରେ ପ୍ରାୟ ୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଆଖୁଆପଦାଠାରୁ ବିରିଡ଼ି ରେଲୱେ ଲାଇନ ପର୍ଯ୍ୟନ୍ତ ବୈତରଣୀ ନଦୀ ବାମପାର୍ଶ୍ୱ ବନ୍ଧର ନବୀକରଣ କରାଯାଇଥିଲା। କାର୍ଯ୍ୟାଦେଶ ପାଇଥିବା ଠିକାସଂସ୍ଥା ପକ୍ଷରୁ ଏଷ୍ଟିମେଟ୍ ଅନୁଯାୟୀ ମାଟି, ଡଷ୍ଟ ମୋରମ ଓ ଡିସମେଣ୍ଟାଲ କାର୍ଯ୍ୟ ସହିତ ପିଚୁ କାମ ହୋଇଥିଲା। ଏହାଛଡ଼ା ବନ୍ଧ ପାର୍ଶ୍ୱ ଗ୍ରାମକୁ ଗଡ଼ାଣି ମଧ୍ୟ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ନିର୍ମାଣ କାର୍ଯ୍ୟ ସରିବାର ଅଳ୍ପ କିଛିଦିନ ମଧ୍ୟରେ ଯଶୋଟିକିରି ଜେନାସାହି ନିକଟରେ ବନ୍ଧର ୧୦୦ ମିଟର ମାଟି ସହିତ ପଥର ନଦୀପାର୍ଶ୍ୱ କଣ୍ଡିଆକୁ ଧସିଥିଲା। ସେହିପରି ଆଖୁଆପଦା ବ୍ରିଜ୍ ନିକଟରେ ବନ୍ଧ ମଧ୍ୟ ଧସି ଯାଇଥିଲା। ଏହାର ପୁନଃ ମରାମତି ପାଇଁ ବିଭାଗ ପକ୍ଷରୁ କୌଣସି ତତ୍ପରତା ଆଜିଯାଏ ପ୍ରକାଶ ପାଇନାହିଁ। ଯାହାର ପରିଣାମ ସ୍ୱରୂପ ଏବେ ବର୍ଷା ହେବାରୁ ମାଟି ଧସୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଖୁଆପଦା ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଦାସଙ୍କୁ ପଚାରିବାରୁ ସେଭଳି ଅଭିଯୋଗ ଆସିନାହିଁ, ତେବେ ସେ ଘଟଣାସ୍ଥଳ ପରିଦର୍ଶନ କରିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ଚିତି ସାପ ଦଂଶନରେ ମହିଳା ମୃତ

ଚମ୍ପୁଆ,୨୮।୯(ଡି.ଏନ.ଏ.)- କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଡଡୁଆ ଗ୍ରାମରେ ଶୁକ୍ରବାର ରାତିରେ ଏକ ଚିତି ସାପ କାମୁଡିବାରୁ ଜବାନୀ ମୁଣ୍ଡା ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ଡଡୁଆ ଗ୍ରାମର ଉତ୍ତ୍ରାଦ ମୁଣ୍ଡାଙ୍କ ସ୍ତ୍ରୀ ଜବାନୀ ରାତିରେ ଖାଇ ସାରି ଘରେ ଚଟାଣରେ ଶୋଇଥିଲେ। ରାତି ପ୍ରାୟ ଅଢେଇଟା ବେଳେ ସେ ସ୍ୱାମୀ ଉତ୍ତ୍ରାଦଙ୍କୁ ନିଦରୁ ଉଠାଇ ତାଙ୍କୁ ସାପ କାମୁଡିଥିବା କହିଥିଲେ। ଜବାନୀଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଭୋର ୫ଟା ସମୟରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସ୍ୱାମୀ ଉତ୍ତ୍ରାଦ ସୂଚନା ଦେଇଛନ୍ତି।

### ବିଦ୍ୟାଳୟରେ ବହି, ଖାତା ବଣ୍ଟନ

ବଉଳା, ୨୮।୯ (ଡି.ଏନ.ଏ.): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବାଙ୍ଗୁର ଓଏମସି ପକ୍ଷରୁ କୁଶଟିକିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ବହି, ଖାତା, କଲମ ଇତ୍ୟାଦି ବଣ୍ଟନ କରାଯାଇଛି। ରିଜିଓନାଲ ମ୍ୟାନେଜର ଘନଶ୍ୟାମ ସାହୁ, ସିନିୟର ମ୍ୟାନେଜର ପର୍ସୋନେଲ ସରୋଜ କୁମାର ନାୟକ, ଡେପୁଟି ମ୍ୟାନେଜର ମହେନ୍ଦ୍ର କୁମାର, ପିଙ୍କି ହେମ୍ବ୍ରମ, ଇଞ୍ଜିନିୟର ସୁକାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ୨୧୪ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ଗରିବ ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ନିମନ୍ତେ ଓଏମସି ପକ୍ଷରୁ ପ୍ରୟାସ କରାଯାଉଥିବା ରିଜିଓନାଲ ମ୍ୟାନେଜର ସାହୁ କହିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା

ଆନନ୍ଦପୁର, ୨୮।୯(ସ୍ୱ.ପ୍ର.)- କେନ୍ଦୁଝର ଜିଲା ଆନନ୍ଦପୁର ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଏସିଡ ଆକ୍ରମଣର ଶିକାର ପିଡୀତାଙ୍କୁ ଆଇନ ସହାୟତା ପ୍ରଦାନ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଶାଳବଣି ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପଦ୍ମନାଭ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ତାଲୁକ ଆଇନ ସେବା ସମିତିର ଅଧକ୍ଷ ରାଜେଶ ଦାଶ ଅଧକ୍ଷତା କରିଥିଲେ। ସବ୍‌ଜଜ ଶ୍ରୀମୟୀ ଆଚାର୍ଯ୍ୟ, ଏସଡିଜେଏମ ଶିବାନୀ ଆଚାର୍ଯ୍ୟ, ଘସିପୁରା ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧିକାରୀ ମାନସୀ ପ୍ରଧାନ, ଜେଏମଏଫସି ସୁପ୍ରଭା କୁଣ୍ଡୁ, ଆନନ୍ଦପୁର ବ୍ଲକ ବିଡିଓ ଶୁଭ୍ରବାଳା ବେହେରା, ଆନନ୍ଦପୁର ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏସିଡ ଆକ୍ରମଣ ଏକ ଜଘନ୍ୟ ଅପରାଧ । ଏଭଳି ଅପରାଧୀଙ୍କୁ ଆଜୀବନ କାରାଦଣ୍ଡ ଭଳି ଆଇନଗତ ବ୍ୟବସ୍ଥା ରହିଛି। ଏସିଡି ଆକ୍ରମଣ ଉଦ୍ୟମ କରୁଥିବା ଅପରାଧୀଙ୍କୁ ମଧ ଅତିକମରେ ୫ ବର୍ଷର ଜେଲଦଣ୍ଡ ଭୋଗିବାକୁ ପଡିବ। ଉପସ୍ଥିତ ଅତିଥିମାନେ କଲେଜ ଛାତ୍ରୀଛାତ୍ର ଏ ସଂକ୍ରାନ୍ତ ସଚେତନତାର ବାର୍ତ୍ତା ଲୋକଲୋଚନକୁ ଆଣିବା ସକାଶେ ପରାମର୍ଶ ଦେଇଥିଲେ।

### ଦାବି ପୂରଣ ନ ହେବାରୁ ଶ୍ରମିକ ଧାରଣା ଜାରି

ଯୋଡ଼ା, ୨୮।୯ (ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବିଛାକୁଣ୍ଡିସ୍ଥିତ ଟାଟା କମ୍ପାନୀର ମାଙ୍ଗାନିଜ ଖଣିରେ ଶତାଧିକ ଶ୍ରମିକଙ୍କ ଦାବି ପୂରଣ ନ ହେବାରୁ ଶନିବାର ଦ୍ୱିତୀୟ ଦିନରେ ଧାରଣା ଆନ୍ଦୋଳନ ଜାରି ରହିଥିଲା। ଶନିବାର ଅପରାହ୍ନରେ ପ୍ରାୟ ୮ଶହରୁ ଉର୍ଦ୍ଧ୍ୱ ଶ୍ରମିକ ବୋନସ ଦାବି କରି ବିଛାକୁଣ୍ଡିସ୍ଥିତ ଖଣି କାର୍ଯ୍ୟାଳୟ ସମୁଖରେ ଧାରଣା ଦେଇଥିଲେ। କମ୍ପାନୀ ଦ୍ୱାରା ନିଯୁକ୍ତ ଖଣି ଠିକାଦାର ସଂସ୍ଥା କାର୍ଯ୍ୟ କରୁଥିବା ଖଣି ଶ୍ରମିକଙ୍କୁ ଶତକଡା ୮.୩୩ ବୋନସ ପ୍ରଦାନ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଶ୍ରମିକମାନେ ଅଧିକ ବୋନସ ଦାବି କରିଥିଲେ ହେଁ , କମ୍ପାନୀ ଏ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ଏହାର ପ୍ରତିବାଦରେ ଶ୍ରମିକମାନେ ଆନ୍ଦୋଳନ କରିଥିବା କହିଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଯୋଡା ଥାନା ପକ୍ଷରୁ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି।

# ଆଧାର ଦେଇଛି ଦୁଃଖ


ଅସହାୟ ସୀମା।

ରାଇସୁଆଁ, ୨୮।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ମହାଦେଇଯୋଡା ପଞ୍ଚାୟତର ସଲରାପେଣ୍ଠ ଗ୍ରାମର ମା' ବାପା ଛେଉଣ୍ଡ ୧୧ ବର୍ଷର ଝିଅ ସୀମା । ଜନ୍ମ ପରେ ତାଙ୍କ ମା' କେଉଁ ଆଡେ ଚାଲିଯାଇଥିବା ବେଳେ ରୋଗରେ ପଡି ବାପା କେବେଠାରୁ ଆରପାରିକୁ ଚାଲି ଗଲେଣି। ଜେଜେବାପା ବହୁ କଷ୍ଟରେ ସୀମାଙ୍କୁ ଲାଳନପାଳନ କରିଆସୁଥିଲେ । ସେ ମଧ ୨ ବର୍ଷ ହେଲା ସୀମାଙ୍କୁ ଏକଟୁଆ ଛାଡି ଆରପାରିକୁ ଚାଲି ଗଲେ। ଏଭଳି ସ୍ଥିତିରେ ୫ମ ଶ୍ରେଣୀରୁ ପାଠପଢା ଛାଡି ସୀମା ଅସହାୟ ଅବସ୍ଥାରେ ଦିନ ବିତାଉଥିଲେ ବି ତାଙ୍କ ପ୍ରତି ପ୍ରଶାସନର ଦୃଷ୍ଟି ପଡି ନାହିଁ। ଆଗରୁ ରାଶନ କାର୍ଡରେ ତାଙ୍କୁ ୫ କିଲୋ ଚାଉଳ ମିଳୁଥିଲା । ଏବେ ଆଧାର ଆଣି ଦେଇଛି ଦୁଃଖ। ଆଧାର କାର୍ଡ ନ ଥିବାରୁ ଏହାକୁ ରାର୍ସନକାର୍ଡ ସହ ସଂଯୋଗ କରାଇ ନ ପାରିବାରୁ ତାଙ୍କୁ ଆଉ ୨ ମାସ ଚାଉଳ ମିଳୁନି। ଆଧାର ସଂଯୋଗ କାର୍ଯ୍ୟକ୍ରମରେ ଥିବା ବ୍ୟବସ୍ଥାଗତ ତ୍ରୁଟି ସୁଧାରିବା ଏବଂ ସୀମାଙ୍କ ଭଳି ଅସହାୟଙ୍କ ସକାଶେ ଫଟୋ ଉଠାଇ ଆଧାର କାର୍ଡ ଯୋଗାଇବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରି ନିରାଶ ହୋଇଥିବା କହିଛନ୍ତି। ଚାଉଳ ମିଳିବା ବନ୍ଦ ହେବା ପରେ ସୀମା ଭୋକ ଉପାସରେ ରହି ଏବେ ଗାଁମାଝ ଜଙ୍ଗଲକୁ ଭରଷା କରି ବଞ୍ଚିବା ଲାଗି ସଂଘର୍ଷ କରୁଛନ୍ତି। ସେ ଦୈନନ୍ଦିନ ଜଙ୍ଗଲରୁ ଜଳକାଠ ସଂଗ୍ରହ କରି ତାହାକୁ ବିକି ପେଟ ପୋଷୁଥିବା ଗ୍ରାମବାସୀ କହନ୍ତି। ଏ ସମ୍ପର୍କରେ ମହାଦେଇଯୋଡା ପଞ୍ଚାୟତର ସରପଞ୍ଚ ଜବାଶ୍ରୀ ମାଝୀଙ୍କୁ ପଚାରିବାରୁ ସେ ବ୍ଲକ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ତାଙ୍କୁ ଚାଉଳ ଯୋଗାଇଦେବାକୁ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଭାଗ ନେଲେ ୩୦୦ ଛାତ୍ରୀଛାତ୍ର

**ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା**

କେନ୍ଦୁଝର, ୨୮।୯ (ସ୍ୱ.ପ୍ର.)

ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ୧୫୦ତମ ଜନ୍ମତିଥି ପାଳନ ଉପଲକ୍ଷେ କେନ୍ଦୁଝର ନରସିଂହ ସ୍ୱାଇଁ ପୋଲିସ ଉଚ୍ଚ ବିଦ୍ୟାଳୟ ପରିସରରେ ଗାନ୍ଧୀ ଜୟନ୍ତୀ ଉପରେ ଆଧାରିତ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ଅଧୀନ ୧୯ଟି ବ୍ଲକରୁ ବିଭିନ୍ନ ବିଭାଗରେ ମୋଟ ୩୦୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କେନ୍ଦୁଝର ଜିଲାର ଶିକ୍ଷା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ସଦର ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଜୁନିୟର ବିଭାଗରେ ୧ମରୁ ୮ମ ଶ୍ରେଣୀ ଏବଂ ସିନିୟର ବିଭାଗରେ ୯ମଶ୍ରେଣୀ ରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ର କୁଇଜ, ଡିବେଟ, ଚିତ୍ରାଙ୍କନ, ନାଟକ, ଅଭିନୟ, ସେମିନାର ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥି ସହ ପ୍ଲାଷ୍ଟିକମୁକ୍ତ ଭାରତ ବିଷୟବସ୍ତୁକୁ ନେଇ ବ୍ୟବହୃତ ପ୍ଲାଷ୍ଟିକର ପୁନଃ ବ୍ୟବହାରଯୋଗ୍ୟ ସାମଗ୍ରୀ ପ୍ରସ୍ତୁତି ଶୈଳୀ ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ପ୍ରଦର୍ଶନ କରାଯାଇଥିଲା। ଶେଷରେ ସମସ୍ତ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ୧ମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଗାନ୍ଧୀ ଜୟନ୍ତୀରେ ହେବାକୁଥିବା ଜଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି।

# ଉଜୁଡୁଛି ଭୂପ୍ରକୃତି, ଠିକା ସଂସ୍ଥା ମାଲାମାଲ

କେନ୍ଦୁଝର, ୨୮।୯ (ସ୍ୱ.ପ୍ର.)


ପଥର ଓ ମୋରମ ଖାଦାନ ।



- ନିର୍ମାଣ କାର୍ଯ୍ୟ ଲାଗି ବଢ଼ିଛି ବେଆଇନ ପଥର ଖଣି ଖନନ
- ଚାଲିଛି ବ୍ୟାପକ ରାଜସ୍ୱ ଠକେଇ
- କାର୍ଯ୍ୟକାରୀ ହେଉନି ଜିଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶ

ବଣପାହାଡ ଘେରା କେନ୍ଦୁଝର ଜିଲାରେ ଶତାଧିକ ବେଆଇନ ପଥର ଖଣି ଓ କ୍ରଶର ୟୁନିଟ ଚାଲୁଥିବାରୁ ସରକାର ବିପୁଳ ରାଜସ୍ୱ ହରାଇବା ସହ ଜଙ୍ଗଲ ଓ ପରିବେଶ କ୍ରମାଗତ ନଷ୍ଟ ହେଉଛି। କେତେକ ସ୍ଥାନରେ ନାମକୁମାତ୍ର ପଥର ଖଣି ନିଲାମ ଦିଆଯାଉଥିବା ବେଳେ ଅନେକ ସ୍ଥାନରେ ଥିବା ଖଣି ଉତ୍ସରୁ ବେଆଇନ ଭାବେ ପଥର ଖନନ କରାଯାଇ ଭୂପ୍ରକୃତିକୁ ଲୁଣ୍ଠନ କରାଯାଉଛି। କ୍ରଶର ୟୁନିଟରେ ଏସବୁ ପଥରରୁ ଚିପ୍ସ ଓ ମେଟାଲ ପ୍ରସ୍ତୁତ କରି ବିଭିନ୍ନ ନିର୍ମାଣ କାର୍ଯ୍ୟ ଲାଗି ଯୋଗାଇ ଦିଆଯାଉଛି। ଏବେ ସରକାରଙ୍କ ବିଭାଗ ଅଧୀନରେ ରାସ୍ତାଘାଟ, ବନ୍ଧବାଡ,କେନାଲ ଓ ଘର ଆଦି ନିର୍ମାଣ କାର୍ଯ୍ୟ ହେଉଥିବାରୁ ଏସବୁ ନିର୍ମାଣ ସାମଗ୍ରୀର ଚାହିଦା ବଢିଛି। ଏହାର ସୁଯୋଗ ନେଇ ପଥର ବେପାରୀମାନେ ମୁନାଫା ଉଠାଉଛନ୍ତି। ତହସିଲ କର୍ତ୍ତୃପକ୍ଷ ଚୋରା ପଥର କାରବାର ରୋକିବାକୁ ଧରପଗଡ କରୁଥିଲେ ମଧ କେବଳ ଜରିମାନା ଆଦାୟ କରି ଗାଡି ଛାଡି ଦେଉଥିବା ଲକ୍ଷ୍ୟ କରାଯାଉଛି। ବେଆଇନ ଭାବେ ଖୋଳାଯାଇ ଅଣାଯାଉଥିବା ପଥରର ମୂଲ୍ୟ କାହାଠାରୁ ଆଦାୟ କରାଯାଉ ନାହିଁ। ଅନ୍ୟପକ୍ଷେ ଜିଲାରେ ଥିବା ଅନେକ ପଥର ଖଣିକୁ ନିଲାମ କରାଯାଉ ନ ଥିବାରୁ ସେଠାରୁ ବେଧଡକ ଚୋରା କାରବାର ବଢି ଚାଲିଛି। ଏଭଳି ପରିସ୍ଥିତିରେ ଏହି ଜିଲାରେ ବ୍ୟାପକ ରାଜସ୍ୱ ଠକେଇ ହେଉଥିବା ଅଭିଯୋଗ ହେଉଛି।

ଉଲ୍ଲେଖନୀୟ ଯେ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯାଉଥିବାରୁ ଏଭଳି ରାଜସ୍ୱ ଠକେଇ ରୋକିବାକୁ ସମ୍ପୃକ୍ତ ବିଭାଗ ନିକଟରେ ଦାବି କରାଯାଇଥିଲା। ଏ ଦିଗରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନ ମିଳିବାରୁ ଶେଷରେ ଶଶୀଭୂଷଣ ପଟ୍ଟନାୟକ ନାମକ ଜଣେ ସୂଚନା କର୍ମୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚ ନ୍ୟାୟାଳୟ ଏହି ମାମଲାର ଶୁଣାଣି କରିବା ଲାଗି କେନ୍ଦୁଝର ଜିଲାପାଳଙ୍କୁ ଆଦେଶ ଦେଇଥିଲେ। ତଦନୁଯାୟୀ ଜିଲାପାଳ ଆଶିଷ ଥାକରେ ଏଠାରେ ଅଭିଯୋଗକାରୀଙ୍କ ଆପତ୍ତି ଶୁଣିବା ପରେ ଓଡ଼ିଶା ମାଇନିଂ ଆଣ୍ଡ ମିନେରାଲ କନସେସନ ରୁଲ୍ ୨୦୧୬ର ୫୮ ଧାରା ଅନୁଯାୟୀ ନୀତିନିୟମ ପାଳନ କରି ରାଜସ୍ୱ ଆଦାୟ କରିବାକୁ ଗତ ଜୁଲାଇ ୮ ତାରିଖରେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏ ବାବଦରେ ସେ ହାଇକୋର୍ଟଙ୍କୁ ମଧ ଜଣାଇଥିଲେ। ଏ ବାବଦରେ ଯେପରି ସରକାରଙ୍କ ରାଜସ୍ୱ ହାନି ନ ହୁଏ ସେଦିଗରେ ଉଚିତ ପଦକ୍ଷେପ ନେବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ। ଏହାପରେ ଅଢେଇମାସରୁ ଅଧିକ ଦିନ ଅତିକ୍ରମ କରି ସାରିଲାଣି। ସମ୍ପୃକ୍ତ ବିଭାଗ ଏ ନେଇ ଉଚ୍ଚ ଅଧିକାରୀଙ୍କ ମତାମତ ଲୋଡା ଯାଇଥିବା କହି ନୀରବତା ଅବଲମ୍ବନ କରୁଥିବାରୁ ଅଦ୍ୟାବଧି ଚୋରା ଚାଲାଣକାରୀଙ୍କଠାରୁ ନିର୍ମାଣ ସାମଗ୍ରୀର ମୂଲ୍ୟ ଆଦାୟ ହୋଇପାରୁ ନାହିଁ । ମେଟାଲ, ଚିପସ, ବାଲି ଆଦି ଲଘୁ ଖଣିଜ ଦ୍ରବ୍ୟ ବାବଦକୁ ଜିଲାରେ ରୟାଲଟି ଆଦାୟ ହେଉଥିଲେ ବି ଅଣ ଅନୁମୋଦିନ ସ୍ଥାନରୁ ଅଣାଯାଉଥିବା ସାମଗ୍ରୀର ମୂଲ୍ୟ ଆଦାୟ ନ ହେବା ବିଡମ୍ବନାର କାରଣ ପାଲଟିଛି। ସରକାର ଏଥିଲାଗି ରାଜସ୍ୱ ହରାଉଥିବା ବେଳେ କେବଳ ଠିକା ସଂସ୍ଥା ମାଲାମାଲ ହେଉଛନ୍ତି। ଏ ସମ୍ପର୍କରେ କେନ୍ଦୁଝର ଅତିରିକ୍ତ ଜିଲାପାଳ ଡ. ଭକ୍ତଚରଣ ପ୍ରଧାନଙ୍କୁ ପଚାରିବାରୁ କହିଛନ୍ତି, ରୟାଲିଟି ସହିତ ଲଘୁ ଖଣିଜ ଦ୍ରବ୍ୟର ମୂଲ୍ୟ ଆଦାୟ ହେବା କଥା। ଏ ଦିଗରେ ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

### ବ୍ଲକ ବଜରଙ୍ଗ ଦଳର ନୂତନ କର୍ମକର୍ତ୍ତା

ତେଲକୋଇ, ୨୮।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ବଜରଙ୍ଗ ଦଳ ପକ୍ଷରୁ କର୍ମକର୍ତ୍ତା ଚୟନ କରାଯାଇଛି। ବ୍ଲକ ସଂଯୋଜକ ଭାବେ ବିକ୍ରମ କେଶରୀ ଚୌହାନ, ସହ ସଂଯୋଜକ ଭାବେ ସୁରଜ କର, ଶୁଭମ ପୋଦାର, ଗୋ ରକ୍ଷା ପ୍ରମୁଖ ଭାବେ ଚିନ୍ମୟ ମହାନ୍ତ ଓ ସୁରକ୍ଷା ପ୍ରମୁଖ ଭାବେ ମଜନିତ ପୋଦାର ଓ ସାପ୍ତାହିକ ମିଳନ ପ୍ରମୁଖ ଭାବେ ସୁନୀଲ ପ୍ରଧାନଙ୍କୁ ମନୋନୀତ କରାଯାଇଛି। ଏଥିସହିତ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କୁ ମଧ ଚୟନ କରାଯାଇଛି ।

### ଗୁଳ୍ମଲତାରେ ରାସ୍ତା ସଙ୍କୁଚିତ

ଆନନ୍ଦପୁର,୨୮।୯(ସ୍ୱ.ପ୍ର.)

ଆନନ୍ଦପୁର ଅଞ୍ଚଳର ବରିଷ୍ଠ ନାଗରିକଙ୍କ ସମେତ ମହିଳା ଓ ପୁରୁଷମାନେ ପ୍ରାତଃ ଭ୍ରମଣ ପାଇଁ ବୈତରଣୀ ନଦୀର ବାମପାର୍ଶ୍ୱ ବନ୍ୟା ସୁରକ୍ଷା ବନ୍ଧ ଉପରେ ନିର୍ଭର କରିଥାନ୍ତି। ରାସ୍ତାର ଉଭୟପାର୍ଶ୍ୱରେ ବର୍ତ୍ତମାନ ଗୁଳ୍ମଲତା ସୃଷ୍ଟି ହୋଇଥିବାରୁ ସରୀସୃପଙ୍କ ଭୟ ଦେଖାଦେଉଛି। ରାସ୍ତା ଓସାର କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି। ରାସ୍ତା ପାର୍ଶ୍ୱକଳ୍କେବେ ପରିଷ୍କାର କରାଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରି ଏହାକୁ ପ୍ରାତଃ ଭ୍ରମଣକାରୀଙ୍କ ଯାତାୟତ ଉପଯୋଗୀ କରିବାକୁ ଦାବି କରିଛନ୍ତି।

# ଚିକିତ୍ସା ଲାଗି କନିଷ୍ଠ ଶିକ୍ଷକଙ୍କ ପରିବାରକୁ ଆର୍ଥିକ ସହାୟତା


ଶିକ୍ଷକମାନେ ସତ୍ୟବ୍ରତଙ୍କ ପରିବାରକୁ ସହାୟତା ପ୍ରଦାନ କରୁଛନ୍ତି।

ଆନନ୍ଦପୁର, ୨୮।୯(ସ୍ୱ.ପ୍ର.)

ଦେବଗଡ ଜିଲାରେ ଏକ ବିଦ୍ୟାଳୟରେ କନିଷ୍ଠ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ସତ୍ୟବ୍ରତ ନାଥ(୩୨) ରକ୍ତ କର୍କଟ ରୋଗରେ ପୀଡିତ ହୋଇ ମୁମ୍ବାଇର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଘର କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଶାଳବଣି ଗ୍ରାମରେ । ତାଙ୍କ ଚିକିତ୍ସା ପାଇଁ ୩୦ ଲକ୍ଷର ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହୁଥିବାରୁ ତାଙ୍କ ଗରିବ ପରିବାର ଭାଙ୍ଗିପଡିଛନ୍ତି। ରାଜ୍ୟ କନିଷ୍ଠ ଶିକ୍ଷା ସହାୟକ ସଂଘ, ନିୟମିତ ଶିକ୍ଷକ, ଶିକ୍ଷା ସହାୟକମାନେ ଯଥା ସମ୍ଭବ ସହାୟତା ପ୍ରଦାନ କରିବାରୁ ସତ୍ୟବ୍ରତ ଏବେ ମୁମ୍ବାଇ ଠାରେ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ସତ୍ୟବ୍ରତଙ୍କ ବାପା କେଦାର ଚରଣ ନାଥ ଦୈନିକ ଖବରକାଗଜ ବିକ୍ରୟ କରି ଯାହା ଅର୍ଥ ସଞ୍ଚୟ କରୁଛନ୍ତି ପୁଅଙ୍କର ଚିକିତ୍ସା ଲାଗି ଯୋଗାଉଛନ୍ତି। ଏଭଳି କ୍ଷେତ୍ରରେ କେତେକ ସମାଜସେବୀ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଶୁକ୍ରବାର ଆନନ୍ଦପୁର ପ୍ରେସ୍ କ୍ଲବ ପକ୍ଷରୁ ସଭାପତି ଗୋପାଳ ରାଉତ, ସମ୍ପାଦକ ସନ୍ତୋଷ ରାଉତ ଏହି ପରିବାରକୁ ଭେଟି କ୍ଲବ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେହିଭଳି ଶନିବାର ଶିକ୍ଷା ସହାୟକ ସଂଘର ମହାସଚିବ ବିବେକାନନ୍ଦ ବେହେରାଙ୍କ ନେତୃତ୍ୱରେ ଯାଜପୁର ଜିଲା ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଆସି ପରିବାରକୁ ଭେଟି ସହାୟତା ପ୍ରଦାନ କରିଛନ୍ତି। ସତ୍ୟବ୍ରତଙ୍କ ଚିକିତ୍ସା ନିମନ୍ତେ ଅର୍ଥ ସଂଗ୍ରହ ଲାଗି ଶିକ୍ଷକମାନେ ସାମାଜିକ ଗଣମାଧ୍ୟମରେ ଏକ ଗ୍ରୁପ କରି ଆର୍ଥିକ ସହାୟତା ପ୍ରଦାନ ପାଇଁ ଉଦ୍ୟମ କରି ଏକ ବିରଳ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ଗ୍ରୁପ ଜରିଆରେ ଶିକ୍ଷକମାନେ ଅଦ୍ୟାବଧି ୪ ଲକ୍ଷରୁ ଉର୍ଦ୍ଧ୍ୱ ଆର୍ଥିକ ସହାୟତା ସତ୍ୟବ୍ରତଙ୍କ ଚିକିତ୍ସା ପାଇଁ ପ୍ରଦାନ କରିଥିବା ଜଣାପଡିଛି। ଅଳ୍ପ ବୟସରେ ଶିକ୍ଷକ ପୁଅଙ୍କର ଏଭଳି ଅବସ୍ଥା ଦେଖି ତାଙ୍କ ବାପା କେଦାର ଓ ପରିବାରବର୍ଗ ଅସହାୟ ଅବସ୍ଥାରେ ରହିଛନ୍ତି।

### ପଦ୍ମପୁର ଆଞ୍ଚଳିକ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

କେନ୍ଦୁଝର, ୨୮।୯ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଯୁକ୍ତ୨ ପ୍ରଥମ ବାର୍ଷିକ କଳା ଓ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ୨ୟ ବର୍ଷର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ଉତ୍ସବରେ ପାରମ୍ପରିକ ରୀତିରେ ସ୍ୱାଗତ କରାଯାଇଥିଲା। ଅଧକ୍ଷା ସନ୍ମତି ସାହୁଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ପରେ ୨ୟ ବର୍ଷ ଓ ୧ମ ବର୍ଷ ଛାତ୍ରୀଛାତ୍ର ବକ୍ତବ୍ୟ ରଖିଥିଲେ। ସମ୍ମାନନୀୟ ଅତିଥି ଭାବେ ଯୋଗେନ୍ଦ୍ର ନାଥ ସାହୁ, ଜଳଧର ସାହୁ, କିଶୋର ଚନ୍ଦ୍ର ସାହୁ, ସହଦେବ କୁଅଁର ଯୋଗ ଦେଇଥିଲେ। ହରିହର ଦାସ ମୁଖ୍ୟବକ୍ତ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅଧ୍ୟାପକ ସୁରେଶ କୁମାର ଆଚାର୍ଯ୍ୟ । ସାଂସ୍କୃତିକ ବିଭାଗର ଉପଦେଷ୍ଟା ରାମଶଙ୍କର ସାହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ଲକସ୍ତରୀୟ ଶିଶୁ ପ୍ରତିଭା ଚୟନ ପ୍ରତିଯୋଗିତା

ବଉଳା, ୨୮।୯ (ଡି.ଏନ.ଏ.)

ସର୍ବଶିକ୍ଷା ଯୋଜନାରେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ପାଳନ ଉପଲକ୍ଷେ ମରେଗାଁ ହାଇସ୍କୁଲରେ ଶିଶୁ ପ୍ରତିଭା ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ ଛାତ୍ରୀଛାତ୍ରଙ୍କୁ ୧ମରୁ ୮ମ ଜୁନିୟର ଓ ୯ମରୁ ୧୦ମ ସିନିୟର ଗ୍ରୁପରେ ବିଭକ୍ତ କରି କୁଇଜ, ପେଣ୍ଟିଂ, ଡିବେଟ, ସେମିନାର, ବର୍ଜ୍ୟବସ୍ତୁରୁ ବ୍ୟବହାର ଉପଯୋଗୀ ସାମଗ୍ରୀ ପ୍ରସ୍ତୁତ କରିବା ଏବଂ ମହାତ୍ମା ଗାନ୍ଧୀଙ୍କ ଉପରେ ଡ୍ରାମା ଆଦି ପ୍ରତିଯୋଗିତା କରାଯାଇଥିଲା । ସିଆରସିସି ପ୍ରଭାକର ବେହେରା, ଶ୍ରୀକାନ୍ତ ସେଠୀ, ଯତୀନ୍ଦ୍ର କୁମାର ମଲ୍ଲିକ, କେଶବ କର, ପ୍ରଦୀପ ଦେହୁରୀ, ବିଜୟ ସା, ଅକ୍ଷୟ ଖଟୁଆ, ରବୀନ୍ଦ୍ର ସାହୁ, ଗଦାଧର ଜେନା, ରତ୍ନାକର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ମରିଗାଁ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମମତା ଆଇଚ, ବିଆରସିସି ବିନୋଦ ରାଉତ, ଏବିଇଓ ସୁରଥ ସାହୁ ଓ ସୁରେଶ ଜେନା ଉପସ୍ଥିତ ରହି ୧ମ, ୨ୟ ଓ ୩ୟ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଗାନ୍ଧିଜୀଙ୍କର ଏକ ଫଟୋଚିତ୍ର ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ୧୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

# ବିକାଶଠୁ ଦୂରରେ ହୁଡ଼ିସାହି ଗାଁ


ହୁଡିସାହିକୁ ଜଙ୍ଗଲି ରାସ୍ତା ।


ଗାଁ ସମସ୍ୟା ନେଇ ଲୋକେ ଅଭିଯୋଗ କରୁଛନ୍ତି।

ରାଇସୁଆଁ, ୨୮।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ବଣପାହାଡ ଘେରା କଣ୍ଡରାପଶି ପଞ୍ଚାୟତ କୁଞ୍ଜରବାହାଳର ଏକ ଅବହେଳିତ ଗାଁ ହୁଡିସାହ। ୩୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରୁଛନ୍ତି। ବିକାଶ ଧାରାଠାରୁ ଦୂରରେ ଥିବା ଏହି ଗାଁକୁ ସବୁଦିନିଆଁ ରାସ୍ତା ନାହିଁ। କୌଣସି ପରିବାର ଏଯାଏ ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁପକା ଘର ଯୋଜନାରେ ସାମିଲ ହୋଇ ନାହାନ୍ତି। ସେମାନେ ଭଙ୍ଗା ଦଦରା ମାଟିଝାଟି ଘରେ ମୁଣ୍ଡ ଗୁଞ୍ଜି ରହୁଛନ୍ତି। ଗାଁର ର ୮୦ ପ୍ରତିଶତ ବୃଦ୍ଧାବୃଦ୍ଧ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଗାଁ ରେ ଗୋଟିଏ ହେଲେ ନଳକୂପ ବସି ନ ଥିବାରୁ ଲୋକେ ନିକଟସ୍ଥ ନାଳରୁ ପାନୀୟଜଳ ସଂଗ୍ରହ କରି ଚଳନ୍ତି। ସୌଭାଗ୍ୟ ଯୋଜନାରେ ଗାଁକୁ ବିଜୁଳି ସଂଯୋଗ କାମ ଆରମ୍ଭ ହୋଇଥିଲେ ବି ଅଧାପନ୍ତରିଆ ହୋଇ ପଡିରହିଛି। ରାସ୍ତା ସୁବିଧା ନ ଥିବାରୁ ଗାଁକୁ କେବେ ଆମ୍ବୁଲାନ୍ସ ଆସି ନାହିଁ । ଲୋକେ ଜରୁରୀ ଚିକିତ୍ସା ଲାଗି ରୋଗୀଙ୍କୁ ଗାଁ ଠାରୁ ୨ କି.ମି. ଦୂର ମଧୁପୁର ଗାଁ ପର୍ଯ୍ୟନ୍ତ ଖଟିଆରେ ବୋହି ଆଣିବା ପରେ ସେଠାରୁ ଡାକ୍ତରଖାନା ନେଇଥାନ୍ତି। ବର୍ଷା ଦିନେ ଗ୍ରାମବାସୀଙ୍କ ଜୀବନଯାତ୍ରା ଅଧିକ ଦୁର୍ବିସହ ହୋଇପଡେ। ଏହି ସମୟରେ ଲୋକେ ବିଲହୁଡା ଦେଇ ଚଳପ୍ରଚଳ କରିଥାନ୍ତି। ଗ୍ରାମର ଶିଶୁମାନେ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ପାରନ୍ତି ନାହିଁ। ଗ୍ରାମଠାରୁ ଅଙ୍ଗନୱାଡି କେନ୍ଦ୍ର ବହୁ ଦୂର ହୋଇଥିବାରୁ ଜଙ୍ଗଲ ରାସ୍ତାଦେଇ ଶିଶଙ୍କୁ ପଠାଇବାକୁ ଲୋକେ ନିରାପଦ ମନେ କରି ନ ଥାନ୍ତି। ଏଥିଲାଗି ଗ୍ରାମର ଅଧିକାଂଶ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ଦଷ୍ଟି ଆକର୍ଷଣ କରି ସେମାନେ ନିରାଶ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

**କେନ୍ଦୁଝର ପୁରୁଣା ସହରରେ ଦୁର୍ଗାପୂଜା ପ୍ରସ୍ତୁତି**

# 'ଲାଲ'ରୁ ଏବେ 'ହଳଦୀବର୍ଣ୍ଣା'




ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୨୮।୯

ରାଜାରାଜୁଡା ଅମଳରେ କେନ୍ଦୁଝର ପୁରୁଣା ସହରସ୍ଥିତ ରାଜ ଉଆଁସରେ ଦେବୀ ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହେଉଥିଲା। ୧୯୫୧ ମସିହାରୁ ଏହା ସାର୍ବଜନୀନ ପୂଜାର ରୂପ ନେଇଛି। ରାଜ ଉଆଁସ ପରିବର୍ତ୍ତେ ପୁରୁଣା ବଜାର ପରିସରରେ ପୂଜା ହେଉଛି। ୧୯୯୩-୯୪ରୁ ସ୍ଥାନୀୟ ଭକ୍ତଙ୍କ ଉଦ୍ୟମ କ୍ରମେ ସାର୍ବଜନୀନ ଶ୍ରୀ ଦୁର୍ଗାତ୍ସୋବ କଲଚୁରାଲ କମିଟି ଗଢାଯାଇ ପ୍ରତିବର୍ଷ ପାରମ୍ପରିକ ରୀତିରେ ପୂଜା ହୋଇ ଆସୁଛି। ଏଥର ଦୁର୍ଗାପୂଗାକୁ ଆକର୍ଷଣୀୟ କରିବା ଲାଗି ବିଭିନ୍ନ ପ୍ରକାରର ଲୋକନୃତ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା କମିଟଇ ପକ୍ଷରୁ କୁହାଯାଇଛି।

ଏକ ପୁରାତନ ପୂଜା ଅନୁଷ୍ଠାନ ଭାବେ ମାନ୍ୟତା ପାଇଥିବା ଏହି ଦୁର୍ଗାପୂଜାର ଏକଦା ଆୟୋଜନର ମୁଖ୍ୟ ପୁରୋଧା ଥିଲେ ବରିଷ୍ଠ ସାହିତ୍ୟିକ ତଥା ଗବେଷକ ରମେଶ ଚନ୍ଦ୍ର ଚକ୍ରବର୍ତ୍ତୀ ଓ ଅନ୍ୟ ମାନେ। ବର୍ତ୍ତମାନ କମିଟିରେ ସଂଗ୍ରାମ ଦାସ ସଭାପତି ଓ ଜିତେନ୍ଦ୍ର କୁମାର ସାହୁ ସମ୍ପାଦକ ରହିଛନ୍ତି।

ରାଜଉଆସ ମଧ୍ୟରେ ହେଉଥିବା ଦୁର୍ଗାପୂଜାରେ ତନ୍ତ୍ର ସାଧନ ଦ୍ୱାରା ପୂଜାର୍ଚ୍ଚନା କରାଯାଉଥିଲା ବୋଲି କୁହାଯାଏ । ଗଡର ଅଧିଷ୍ଠାତ୍ରୀ ଦଣ୍ଡଦେବୀଙ୍କ ପ୍ରଭାବରୁ ଏଭଳି ପୂଜା କରାଯାଥିଲା। ମା' ଦୁର୍ଗାଙ୍କ ମୁହଁର ବର୍ଣ୍ଣ ଲାଲ ଥିଲା। ତେବେ ପରବର୍ତ୍ତୀ ସମୟରେ ରାଜପରିବାର ଓ ଠାକୁରଙ୍କ ଆଜ୍ଞା ନେଇ ଉଆଁସ ବାହାରେ ପୁରୁଣା ସହରରେ ପୂଜା କରାଯାଇଆସୁଛି । ଏବେ ଦୁର୍ଗାଙ୍କ ମୁଖର ରଙ୍ଗ ଲାଲ ପରିବର୍ତ୍ତେ ହଳଦୀ ବର୍ଣ୍ଣା ହୋଇଥିବା କମିଟିର ବରିଷ୍ଠ ସଦସ୍ୟ ଗଦାଧର ପୃଷ୍ଟି କହିଛନ୍ତି।

ଦୀର୍ଘ ୨୫ ବର୍ଷ ଧରି ଶିଳ୍ପୀ ସ୍ୱର୍ଗତ ବାବାଜୀ ଚରଣ ମହାରଣା ଏଠାରେ ମୂର୍ତ୍ତି ଗଢିଆସୁଥିଲେ। ତାଙ୍କ ପରେ ଶିଳ୍ପୀ ମାଗୁଣୀ ଚରଣ କୁଅଁର ଏବଂ ଏବେ ପ୍ରାୟ ୭ବର୍ଷ ହେଲା ଶିଳ୍ପୀ ଗଦାଧର ପୃଷ୍ଟି ମୂର୍ତ୍ତିଗଢା କାମ କରୁଛନ୍ତି। ଆସନ୍ତା ୪ ତାରିଖରେ ଷଷ୍ଠୀ ପୂଜାଠାରୁ ପୂଜାମଣ୍ଡପରେ ଗହଳ ଚହଲ ବୃଦ୍ଧି ପାଇବ। ୮ ତାରିଖରେ ଦଶମୀ ପୂଜା ସମ୍ପନ୍ନ ହେବା ପରେ ୯ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ତେବେ ଏଥର ଭସାଣୀ ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ମୋଟ ବ୍ୟୟ ଅଟକଳ ପୟାୟ ସାଢେ ୫ ଲକ୍ଷ ରହିଥବବା ଜଣାପଡିଛି।

## ସଂକ୍ଷେପରେ

### 'ଜନନୀ' ପକ୍ଷରୁ ବିକ୍ଷୋଭ

**ବାଲେଶ୍ୱର ଅଫିସ, ୨୮।୯:** ବାଲେଶ୍ୱର ଷ୍ଟେଶନଛକ ନିକଟରେ ଥିବା ସରକାରୀ ବିଦେଶୀ ଠିପି ବନ୍ଦ ମଦ ଦୋକାନରେ ଦୀର୍ଘଦିନ ହେଲା ଠିପି ଖୋଲା ମଦ ବିକ୍ରି ହେଉଛି। ଏହାକୁ ବିରୋଧ କରି 'ଜନନୀ ପରିବାର' ଅନୁଷ୍ଠାନ ପକ୍ଷରୁ ଜ୍ୟୋତ୍ସ୍ନା ମହାନ୍ତିଙ୍କ ନେତୃତ୍ୱରେ ୭ରୁ ୮ଜଣ ସଦସ୍ୟ ଶନିବାର ରାତିରେ ହାତରେ ବାଡ଼ି ଏବଂ ଶଙ୍ଖଫୁଙ୍କି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

### ଗଣିତ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ




**କପ୍ତିପଦା, ୨୮।୯(ଡ଼ି.ଏନ୍.ଏ):** କପ୍ତିପଦା ମହାବିଦ୍ୟାଳୟର ଗଣିତ ବିଭାଗରେ ଅଧ୍ୟୟନରତ ନବାଗତ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ବରିଷ୍ଠ ଅଧାପକ ପ୍ରଣବ କିଶୋର ପାଢ଼ୀ, ସମ୍ମାନନୀୟ ଅତିଥିଭାବେ ମାନସ ରଞ୍ଜନ ପୁହାଣ, ଦୀପ୍ତିକାନ୍ତ ଦାସ, ଦୀପାଲି ମହାନ୍ତ, ସସ୍ମିତା ବସନ୍ତିଆ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାର ମୌଳିକତା ବିଷୟରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପିକା ଅବନ୍ତୀ ଷଡ଼ଙ୍ଗୀ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ଅଧାପକ ସତ୍ୟନନ୍ଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନବାଗତ ଛାତ୍ରୀଛାତ୍ରମାନଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ସ୍ୱାଗତ ଜଣାଇଥିଲେ।

### ୬୧ ଜଣଙ୍କ ମାଗଣା ହାର୍ନିଆ ଅପରେଶନ

**ଉଦଳା, ୨୮।୯(ଡି.ଏନ୍.ଏ.):** ଉଦଳା ରୋଟାରୀ କ୍ଲବ ଏବଂ ଭାରତୀୟ ଶଲ୍ୟ ଚିକିତ୍ସକ ସଂଘର ଓଡିଶା ଶାଖା ପକ୍ଷରୁ ସ୍ଥାନୀୟ ରୋଟାରୀ କ୍ଲବ ସହାୟତାରେ ମାଗଣା ହାର୍ଣ୍ଣିଆ ଅପରେସନ କାର୍ଯ୍ୟକ୍ରମ ଶେଷ ହୋଇଛି । ଉପଖଣ୍ଡ ଚିକିତ୍ସାଳୟରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୬୧ ଜଣଙ୍କ ଅପରେସନ କରାଯାଇଥିବା କ୍ଲବର ସଭାପତି ଇଂ. ସୁବାଷ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଜିଲାପାଳ ବିନୀତ ଭରଦ୍ୱାଜ ଏବଂ ବିଧାୟକ ଭାସ୍କର ମଢେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଅସ୍ତ୍ରୋପ୍ରଚାର ନିମନ୍ତେ ଇଂଲଣ୍ଡ, ଆମେରିକା, ପାଟନା ଏବଂ ରାଜ୍ୟର ବରିଷ୍ଠ ଚିକିତ୍ସକମାନେ ଯୋଗ ଦେଇଥିଲେ। ଉପଖଣ୍ଡ ମେଡିକାଲ୍ ଅଧିକାରୀ ଡା. ଶିବାନନ୍ଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଅସ୍ତ୍ରୋପ୍ରଚାର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । କାର୍ଯ୍ୟକ୍ରମର ଶେଷ ଦିବସରେ ଓଡ଼ିଶା ରୋଟାରୀ କ୍ଲବ ଶାଖାର ଗଭର୍ଣ୍ଣର ରୋଟାରିଆନ୍ ଦେବାଶିଷ ମିଶ୍ର, ସହକାରୀ ଗଭର୍ଣ୍ଣର ଶୁଭକାନ୍ତ ପାଢୀ ଅତିଥି ଭାବେ ଯୋଗଦେଇଥିଲେ। ଲୋକପ୍ରିୟ ସଙ୍ଗୀତ ପ୍ରଯୋଜକ ଶ୍ରୀକାନ୍ତ ଗୌତମ ହାର୍ଣ୍ଣିଆ ମିଶନର ବ୍ରାଣ୍ଡ ଆମ୍ବାସଡର ଭାବେ ଯୋଗଦେଇଥିଲେ । ଏହା ବ୍ୟତୀତ ଉପଖଣ୍ଡ ଡାକ୍ତରଖାନା ପରିସରରେ ରୋଟାରୀ କ୍ଲବ ସହାୟତାରେ ୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଶୁଦ୍ଧ ପାନୀୟଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯିବ ବୋଲି ରୋଟାରିଆନ୍ ମିଶ୍ର ଘୋଷଣା କରିଥିଲେ । ଉଦଳା ରୋଟାରୀ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କବିବର ରାଧାନାଥ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା

**ବାଲେଶ୍ୱର ଅଫିସ, ୨୮।୯**



ଅତିଥିଙ୍କ ଦ୍ୱାରା ପରିଷଦର ମୁଖପତ୍ର ଉନ୍ମୋଚନ କରାଯାଉଛି।

ବାଲେଶ୍ୱର ସହର ବଟେଶ୍ୱରସ୍ଥିତ କବିବର ରାଧାନାଥ ରାୟଙ୍କ ବାସସ୍ଥଳୀ ବର୍ତ୍ତମାନର ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟଠାରେ କବିବର ରାଧାନାଥ ରାୟଙ୍କ ୧୭୨ତମ ଜୟନ୍ତୀ ଏବଂ ରାଧାନାଥ ସାହିତ୍ୟ ପରିଷଦର ୬ଷ୍ଠ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଡ. ପ୍ରହ୍ଲାଦ ଚରଣ ମହାନ୍ତି ସଭାପତିତ୍ୱ କରି ରାଧାନାଥଙ୍କୁ ଭାଷା, ସାହିତ୍ୟ ଓ ବର୍ଣ୍ଣନା ବିଭାଗରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା ଭାବେ ଅଭିହିତ କରିଥିଲେ। ଗାଳ୍ପିକ ରବି ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲେଶ୍ୱର ମାଟିର ସାହିତ୍ୟ ପ୍ରୀତି ଓଡ଼ିଶା ଅସ୍ମିତାର ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ। ରାଧାନାଥ ଓ ଫକୀରମୋହନଙ୍କ ଚିନ୍ତା, ଚେତନାକୁ ସ୍କୁଲ ଓ କଲେଜସ୍ତରରେ ପ୍ରଚାର କରି ଆଗାମୀ ଯୁବପିଢ଼ିଙ୍କୁ ଭାଷାର ସୁରକ୍ଷା କରିବାକୁ ଆହ୍ୱାନ କରିଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଧାନାଥଙ୍କ ଜୀବନରେ ସୃଷ୍ଟ ବହୁ କାବ୍ୟର ଆଲୋଚନା କରି ଜାତୀୟ ଚେତନାଭରା 'ମହାଯାତ୍ରା' ମହାକାବ୍ୟ ପରୋକ୍ଷରେ ଇଂରେଜମାନଙ୍କ ବିରୋଧରେ ଲେଖାଯାଇଥିବାରୁ ତାଙ୍କୁ ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ଅଭିହିତ କରିଥିଲେ। ପରିଷଦ ସଭାପତି ସୁବାସିନୀ ଜେନା ପରିଷଦର ଉନ୍ନତି ଓ ରାଧାନାଥଙ୍କ ସୃଷ୍ଟି ସମ୍ଭାରର ପ୍ରଚାର ପାଇଁ ଉଦ୍ୟମ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

ପରିଷଦର ମୁଖପତ୍ର 'ସାହିତ୍ୟଭାରତୀ-୨୦୧୯' ଓ ଶୁଭେନ୍ଦୁ ରାୟଙ୍କ 'ପ୍ରକୃତି ପୂଜାରୀ କବିବର ରାଧାନାଥ' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ପରିଷଦର ସମ୍ପାଦକ ଅଧ୍ୟାପକ କମଳାକାନ୍ତ ଦାଶ କବିବରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବାରୁ ସରକାରଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ। କବିବରଙ୍କ ଏକଦା ବାସସ୍ଥଳୀ ଥିବା ଏହି ପବିତ୍ର ସ୍ଥାନକୁ ଏକ ସ୍ମାରକୀପୀଠ ଭାବେ ସରକାର ଘୋଷଣା କରି ଏହାର ଉନ୍ନତି କରିବାକୁ ଦାବି କରିଥିଲେ। ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳଙ୍କ ମଞ୍ଚ ଆହ୍ୱାନ ପରେ କଲ୍ୟାଣୀ ନନ୍ଦଙ୍କ ସହ ସୁବ୍ରତା ମହାନ୍ତି ଓ ବାସନ୍ତୀ ଦେ କବିବରଙ୍କ 'ଭାରତ ଗୀତିକା' ସ୍ୱାଗତ ସଂଗୀତ ଗାନ କରିଥିଲେ। ଯୁଗ୍ମସମ୍ପାଦକ ପଣ୍ଡିତ ସଞ୍ଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ମନସ୍ୱିନୀ ଦେବୀ ରାଧାନାଥଙ୍କ ଅମ୍ଳାନ ସ୍ମୃତିଚାରଣକୁ କର୍ତ୍ତବ୍ୟ ଭାବେ ସବୁ ଓଡ଼ିଆ ଗ୍ରହଣ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଉପସଭାପତି ଇଂ. ହୃଷିକେଶ ସାହୁ ପରିଷଦର ଉନ୍ନତି ପାଇଁ ସହଯୋଗ କାମନା କରିଥିଲେ। ପରିଷଦର କୋଷାଧ୍ୟକ୍ଷ ଡ. ଦେବେନ୍ଦ୍ର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ଜିଲା ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ

# ଯୋଗଦେଲେ ୫୩ ଖେଳାଳି




ଜିଲା ଚେସ୍ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ବାଲେଶ୍ୱର ଅଫିସ, ୨୮।୯**

ବାଲେଶ୍ୱର ଆଇଟିଆଇସ୍ଥିତ ଓଡ଼େଶା ଭବନଠାରେ ବାଲେଶ୍ୱର ରୋଟାରୀ ଶାଶ୍ୱତ କ୍ଲବ ଏବଂ ଜିଲା ଚେସ୍ ଆସୋସିଏଶନ୍‌ର ମିଳିତ ଉଦ୍ୟମରେ ଜିଲା ଚେସ୍ ପ୍ରତିଯୋଗିତା ଶନିବାର ଆରମ୍ଭ ହୋଇଛି। ରୋଟାରୀ ଶାଶ୍ୱତର ପ୍ରତିଷ୍ଠାତା ଡ. ହୃଷୀକେଶ ସାହୁ ଚେସ୍ ଗୋଟି ଚଳାଇ ଖେଳକୁ ଉଦ୍‌ଘାଟନ କରି ଏଭଳି ପ୍ରତିଯୋଗିତା ଆୟୋଜନ ହେଲେ ଚେସ୍ ଖେଳାଳିମାନେ ଉତ୍ସାହିତ ହେବେ ବୋଲି କହିଥିଲେ।

ପ୍ରତିଯୋଗିତା ୬ ରାଉଣ୍ଡ ବିଶିଷ୍ଟ ହୋଇଥିବା ବେଳେ ୫୩ଜଣ ଖେଳାଳି ଭାଗ ନେଇଛନ୍ତି। ରବିବାର ୪ ରାଉଣ୍ଡ ଖେଳ ପରେ ଏହି ପ୍ରତିଯୋଗିତା ଶେଷ ହେବ। ମଞ୍ଚାସୀନ ଅତିଥି ଭାବେ ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ମନୋରଞ୍ଜନ ପଣ୍ଡା, ସଭାପତି ଦେବାଶିଷ ଚକ୍ରବର୍ତ୍ତୀ, ରାଜ୍ୟ ଚେସ୍ ଆସୋସିଏଶନ ପରିଚାଳନା କମିଟି ସଦସ୍ୟ ସନ୍ଦୀପ ସାମନ୍ତରାୟ, ଉପସଭାପତି ଐଶ୍ୱର୍ଯ୍ୟ ସେନାପତି, ସଭ୍ୟ ଚନ୍ଦନ ସିଂ ଏବଂ ଜିଲା ଚେସ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ପୋଷଣ ଅଭିଯାନ ସଚେତନତା




ଜିଲାପାଳ ଷ୍ଟଲ ପରିଦର୍ଶନ କରୁଛନ୍ତି ।

**ବାରିପଦା ଅଫିସ, ୨୮।୯**

ମୟୂରଭଞ୍ଜ ଜିଲା ପ୍ରଶାସନ ଓ ସମାଜ ଓ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ବାରିପଦାସ୍ଥିତ ଅଙ୍ଗନୱାଡି ତାଲିମ କେନ୍ଦ୍ର ପରିସରରେ ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଆୟୋଜିତ ପ୍ରଦର୍ଶନୀ ଷ୍ଟଲ ପରିଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ମହାପାତ୍ର, ଜିଲା କୃଷି ଉପ ନିର୍ଦ୍ଦେଶକ ଦାମଦୋର ସେଠୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ଅନୁସୟା ସାହୁ ଓ ୟୁନିସେଫର ପ୍ରୋଗାମ ଅଫିସର ସୁଦୀପ୍ତ କୁମାର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ମାଆ ଓ ଶିଶୁମାନଙ୍କ ପୁଷ୍ଟି ଓ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ନିମନ୍ତେ ସଚେତନତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମିଲେଟ ମିଶନ, ମୟୂରଭଞ୍ଜ ସମେତ ଅଙ୍ଗନୱାଡି ତାଲିମ କେନ୍ଦ୍ର ଓ ଶିଶୁ ବିକାଶ ପ୍ରକଳ୍ପର କ୍ଷେତ୍ର ଅଧିକାରୀ, କର୍ମଚାରୀମାନଙ୍କ ଦ୍ୱାରା ସୁଷମ ଖାଦ୍ୟର ଉପଯୋଗିତା ସମ୍ପର୍କୀତ ଷ୍ଟଲ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ପ୍ରୋଗାମ ଅଫିସର ଓ ପୁଷ୍ଟି ପରିଚାଳକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସମସ୍ତ ସିଡିପିଓ, ମଣ୍ଡଳ ପରିଦର୍ଶିକା, ତାଲିମ କେନ୍ଦ୍ରର ଅଧକ୍ଷା ତଥା ଉପଦେଷ୍ଟାଙ୍କ ସମେତ ଅଙ୍ଗନୱାଡି କର୍ମୀ, ସହାୟିକା, ସ୍ୱୟଂ ସହାୟକ ଦଳର ସଭ୍ୟା, ଗର୍ଭବତୀ, ପ୍ରସୂତି ଓ କିଶୋରୀମାନେ ଉପସ୍ଥିତ ଥିଲେ।

### ଯୁବବାହିନୀ ପକ୍ଷରୁ ଚାରାରୋପଣ

**ବାହାନଗା, ୨୮।୯(ଡି.ଏନ.ଏ.)**

ବାହାନଗା ବ୍ଲକ କୋଚିଆକୋଇଲି ପଞ୍ଚାୟତର ବିଜୁ ଯୁବ ବାହିନୀ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କୋଚଆକୋଇଲି ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଏହାକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାଗଗ୍ରାହୀ ରାଉତ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀର ସଭାପତି ମୁକ୍ତିକାନ୍ତ ବେହେରା, ସମ୍ପାଦକ ଉତ୍ତମ କୁମାର ମଳିକ, କୋଷାଧକ୍ଷ ସୌଭାଗ୍ୟ କୁମାର କର ପରିଚାଳନା କରିବା ସହିତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ପରିସରରେ ବୃକ୍ଷରୋପଣ କରିଥିଲେ। ଏଥିରେ ମୋଟ ୬୨ ପ୍ରକାର ଗଛ ଲଗାଯାଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ବିଦ୍ୟାଳୟର ଶିକ୍ଷକ ସମେତ ଗ୍ରାମବାସୀ ଓ ଯୁବ ବାହିନୀର କର୍ମକର୍ତ୍ତା ରାଧାରାଣୀ ସାହୁ, ତପନ କୁମାର ସାମଲ, ମନୋଜ କୁମାର ପାଣିଗ୍ରାହୀ, ରାମଚନ୍ଦ୍ର ବେହେରା, ରତିକାନ୍ତ ପାଣିଗ୍ରାହୀ, ଶ୍ରୀଧର ରାଉଳ, ଶ୍ୟାମସୁନ୍ଦର ଜେନା ପ୍ରମୁଖ ସହଯୋଗ କରିଥିଲେ।

# ପରିବେଶ ଭିତ୍ତିକ କୁଇଜ ପ୍ରତିଯୋଗିତା




କୃତୀ ପ୍ରତିଯୋଗୀ ଓ ଅତିଥିବୃନ୍ଦ।

**ବାରିପଦା ଅଫିସ, ୨୮।୯**

ମିସନ ସାଇନ୍ସ ଏକାଡେମୀ ପରିସରରେ ମହାବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କୁ ନେଇ ନାସା ଫାଉଣ୍ଡେସନ ତରଫରୁ ପରିବେଶ ଭିତ୍ତିକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ମହାବିଦ୍ୟାଳୟର ୨୬ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଡ.ସରୋଜ କୁମାର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅଧାପକ ଦିଲ୍ଲୀପ ମହାନ୍ତ ଏବଂ ସମ୍ମାନନୀୟ ଅତିଥି ଭାବେ ଶିକ୍ଷକ ଯତୀନ କୁମାର ମହାନ୍ତ, ଇଂ. ତାଜ ମହମ୍ମଦ ପ୍ରମୁଖ ଯୋଗଦେଇ ପରିବେଶ ସଚେତନତାରେ ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ପ୍ରତିଯୋଗିତାରେ ଶ୍ରୀମା ମହିଳା ମହାବିଦ୍ୟାଳୟର ଛାତ୍ରୀ ସ୍ନେହଲତା ମହାନ୍ତ ପ୍ରଥମ ଓ ବାରିପଦା ମହାବିଦ୍ୟାଳୟର ଛାତ୍ରୀ ତୃପ୍ତିମୟୀ ମହାପାତ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ତୁଷାରକାନ୍ତ ମହାନ୍ତ, ନିବେଦିତା ମହାନ୍ତ, ସୀମାରାଣୀ ପ୍ରଧାନ, ଅନନ୍ୟା ମହାନ୍ତ, ଅଂଶିତା ରାଉଳ, ଦେବସ୍ମିତା ମହାନ୍ତ, ଯମୁନାରାଣୀ ମହାନ୍ତ, ରମଣ ଚନ୍ଦ୍ର ବାରିକ ଓ ସମୀକ୍ଷା ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ଓଡ଼ିଶାର ସାହିତ୍ୟ, ସଂସ୍କୃତି ଉଚ୍ଚକୋଟୀର

**ଭଦ୍ରକ ଅଫିସ, ୨୮।୯**

ଭଦ୍ରକ ସଂସ୍କୃତି ଭବନଠାରେ ଜିଲା ପ୍ରଶାସନ ପକ୍ଷରୁ ମାସିକ ସାହିତ୍ୟ ଓ ସଂସ୍କୃତି ଚର୍ଚ୍ଚାର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା କଥାକାର ବିଜୟ ନାୟକ ବକ୍ତା ଭାବେ ଯୋଗଦେଇ 'ଓଡ଼ିଶା ଏବଂ ଓଡ଼ିଆ' ଶୀର୍ଷକରେ ବକ୍ତବ୍ୟ ରଖିଥିଲେ। ମହାଭାରତ କାଳରୁ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ଓଡ଼ିଶାର ଐତିହ୍ୟ ଏବଂ ଓଡ଼ିଆ ଅସ୍ମିତାର ପ୍ରଶ୍ନ ଉପରେ ସେ ନିଜର ଅନୁଭୂତି କହିଥିଲେ। ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି ଉଚ୍ଚକୋଟୀର ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲାପାଳ ପୀତାମ୍ବର ସାମଲଙ୍କ ସମେତ ଅନେକ ଜିଲାସ୍ତରୀୟ ଅଧିକାରୀ ଆଲୋଚନାଚକ୍ରରେ ଯୋଗ ଦେଇଥିଲେ। ପ୍ରକାଶ ଯେ, ରାଜ୍ୟସ୍ତରରେ ସାଂସ୍କୃତିକ ନବଜାଗରଣ ଏବଂ ଶାସ୍ତ୍ରୀୟ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ନିୟମିତ ଆୟୋଜିତ ହେବାକୁ ଥିବା ଏହି ସଂସ୍କୃତି ଚର୍ଚ୍ଚାର ଜିଲାସ୍ତରୀୟ ସଂସ୍କରଣ ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଛି। ଭଦ୍ରକ ସହରର ବହୁ ବୁଦ୍ଧିଜୀବୀ ଯୋଗଦେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ଏବଂ ସହକାରୀ ଜିଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜନସମ୍ପର୍କ ପଦଯାତ୍ରା ପ୍ରସ୍ତୁତି

**ବାଲେଶ୍ୱର ଅଫିସ, ୨୮।୯**



ବୈଠକରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର କର୍ମକର୍ତ୍ତା।

ବାଲେଶ୍ୱର ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ବ୍ରିଟ୍ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା କମିଟିର ଜିଲା ଅଧକ୍ଷ ଆଇନଜୀବୀ ଭୁବନାନନ୍ଦ ଦାସ ଅଧକ୍ଷତା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବିଜେଡି ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଆଇନଜୀବୀ ଗୌରୀଚନ୍ଦ୍ର ବାରିକଙ୍କ ଆବାହକତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଅକ୍ଟୋବର ୨ତାରିଖଠାରୁ ଲୋକନାୟକ ଜୟପ୍ରକାଶ ଜୀଙ୍କ ଜୟନ୍ତୀ ଅକ୍ଟୋବର ୧୧ତାରିଖ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା କରାଯିବାର ନିଷ୍ପତ୍ତି ହୋଇଛି। ଏଥିନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏହି ପଦଯାତ୍ରାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ, ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଏବଂ କ୍ରିୟାଶୀଳ କରାଇବା ପାଇଁ ଉଦ୍ଦିଷ୍ଟ '୫ଟି ଓ ମୋ ସରକାର' ଭଳି ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା କରାଇବା ଏବଂ ଜନତାଙ୍କୁ ଅବଗତ କରାଯିବ।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଆଇନଜୀବୀ ଜିତେନ୍ଦ୍ର କୁମାର ଉପାଧ୍ୟାୟ ପଠନ କରି ସମସ୍ତଙ୍କୁ ଅବଗତ କରାଇଥିଲେ। ବୈଠକରେ ଓକିଲ ସଂଘ ସଭାପତି ନିରଞ୍ଜନ ପଣ୍ଡା, ଜିଲା ସଂଖ୍ୟାଲଘୁ ସେଲ ଅଧକ୍ଷ ଶେଖ୍ ଉମରଦ୍ଦିନ, ଜଳେଶ୍ୱରର ବରିଷ୍ଠ ଆଇନ୍‌ଜୀବୀ ନିତ୍ୟଗୋପାଳ ଦାସ, ଭିଜିଲାନ୍ସ ପିପି ସେକ୍ ହାଜିରୁଦ୍ଦିନ, ପ୍ରଣବ କୁମାର ପଣ୍ଡା, ସରୋଜ ପଣ୍ଡା, ପ୍ରଣବ ମିଶ୍ର ଓ ମନୋଜ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ଇଂଲିଶ ବିଭାଗର ଆଲୋଚନାଚକ୍ର

**ବାଙ୍ଗିରିପୋଷି, ୨୮।୯(ଡି.ଏନ୍.ଏ.)**

ସ୍ଥାନୀୟ ଲକ୍ଷ୍ମୀକାନ୍ତ କଲେଜ ଇଂଲିଶ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧାପକ ସତ୍ୟନାରାୟଣ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବିଷୟ ବିଶାରଦ ଭାବେ ଇତିହାସ ବିଭାଗର ମୁଖ୍ୟ ଅଧାପକ ପବିତ୍ରମୋହନ ଦାଶ ଯୋଗଦେଇଥିଲେ। ଶେଷ ବର୍ଷ ସମ୍ମାନ ଛାତ୍ରୀ ଅଭିଲିପ୍ସା ମହାନ୍ତ ସାରଗର୍ଭକ ନିବନ୍ଧ ପାଠ କରିଥିଲେ। ଆଲୋଚନାରେ ଛାତ୍ର ରାଜେଶ ଗିରି, ବାର୍ସା ମୁର୍ମୁ, ଜନ୍ମେଞ୍ଜୟ ଗିରି, ରଶ୍ମିତା ବିଷ୍ଣାଣୀ, ପ୍ରୀତି ଭାରତୀ ମୁର୍ମୁ, ଶିକ୍ଷା ମହାନ୍ତ, ବିନି ଦେଓ, ସୁନୀତା ବେହେରା, ମୀନତି ନାଏକ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଅଧାପିକା ଅଞ୍ଜଳି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ସାରସ୍ୱତ କୃତିକୁ ଅସମ୍ମାନ ଅଭିଯୋଗ

# ଅପେରା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ସୋର, ୨୮।୯(ଡି.ଏନ.ଏ.)**

କବିବର ରାଧାନାଥ ଓ ପ୍ରଣୟ କବି ଡ. ମାୟାଧର ମାନସିଂଙ୍କ କାବ୍ୟ କୃତିକୁ ଏକ ଯାତ୍ରା ପାର୍ଟିରେ ଖଳନାୟକଙ୍କ ସଂଳାପରେ ଅସମ୍ମାନ କରାଯାଇଥିବା ନେଇ ସୋର ବିଧାୟକ ତଥା ରାଧାନାଥ ପାଠାଗାର ସଭାପତି ପର୍ଶୁରାମ ଧଡା ଆପତ୍ତି ଉଠାଇଛନ୍ତି। ଏହି ପ୍ରସଙ୍ଗରେ ଶନିବାର ସନ୍ଧ୍ୟାରେ ପାଠାଗାର ପରିସରରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ସଭାପତି ଧଡା ସାରସ୍ୱତ କୃତିର ବିକୃତ ଉପସ୍ଥାପନାର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଯାତ୍ରାନୁଷ୍ଠାନ ଅପେରା 'ସୂର୍ଯ୍ୟମନ୍ଦିର' ପକ୍ଷରୁ ମଞ୍ଚସ୍ଥ ନାଟକ 'ପ୍ରେମିକାର ନାଁ ଚନ୍ଦ୍ରଭାଗା'ରେ କବିବରଙ୍କ କାବ୍ୟକୃତି ଚନ୍ଦ୍ରଭାଗା ଓ ଡ. ମାୟାଧର ମାନସିଂଙ୍କ ସାରସ୍ୱତ କୃତି କୋଣାର୍କର କିଛି ପଂକ୍ତିକୁ ଖଳନାୟକ ଏକ ଅସାମାଜିକ ଦୃଶ୍ୟରେ ଅତି ବିକୃତ ଭାବେ ଉପସ୍ଥାପନ କରିଛନ୍ତି। ଏହି ଅନୁଷ୍ଠାନ ପ୍ରତି ଆପତ୍ତି ଉଠାଇ ସଭାପତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ଅସମ୍ମାନଜନକ ଆକ୍ଷେପକୁ ନେଇ ରାଜ୍ୟ ସହ ସୋରର ବହୁ ସାରସ୍ୱତ ଓ ସାଂସ୍କୃତିକପ୍ରେମୀ କ୍ଷୋଭ ପ୍ରକାଶ କରିବା ସହ ଅଦାଲତର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି। ଶସ୍ତା ଲୋକପ୍ରିୟତା ପାଇବାକୁ ରାଜ୍ୟର ଭାଷାରକ୍ଷକଙ୍କୁ ଅସମ୍ମାନିତ କରାଯିବାକୁ କୌଣସି ପରିସ୍ଥିତିରେ ଦିଆଯିବ ନାହିଁ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପାଠାଗାର ସମ୍ପାଦକ ସୁଧୀର କୁମାର ଦାସ, ଉପସଭାପତି ଅନାଦି ଚରଣ ଜେନା, ଦାମୋଦର ଦାଶ ମହାପାତ୍ର, କାଳନ୍ଦୀ ଚରଣ ପଲେଇ, ସ୍ମିତା ଦାସ, ପୁଷ୍ପଲତା ଜେନା, ଶୁକଦେବ ନାୟକ, ଉଦ୍ଧବ ଚରଣ ବିଶ୍ୱାଳ, ବିଦ୍ୟାଧର ମଲ୍ଲିକ, ନିରଞ୍ଜନ ପଣ୍ଡା, ନବକିଶୋର ଦାସ, ଖଗେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଛିଣ୍ଡା ପଲିଥିନ ତଳେ ଜୀବନ

## ■ ମିଳୁନି ସରକାରୀ ସହାୟତା
## ■ ପର ଘରେ ମୂଲ ଲାଗିଲେ ଚୁଲି ଜଳେ

**ଭୋଗରାଇ, ୨୮।୯(ଡି.ଏନ.ଏ.)**



ଘର ଆଗରେ ସୁଧାଂଶୁ ଓ ରେବତୀ।

ଦାରିଦ୍ର ସୀମାରେଖା ତଳେ ଥିବା ଗରିବ ଲୋକଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ସରକାରୀ ପକ୍କାଗୃହ ପାଇଁ ସହାୟତା ପ୍ରଦାନ କରୁଛନ୍ତି। ହେଲେ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଅବହେଳା ଯୋଗୁ ଗରିବ ଲୋକେ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବାରବାଟିଆ ଗ୍ରାମ ୧ ନମ୍ବର ୱାର୍ଡ଼ର ସୁଧାଂଶୁ କାମିଲା (୫୫) ଏଭଳି ଅବହେଳାର ଶିକାର ହୋଇଛନ୍ତି। ସୁଧାଂଶୁ ଜଣେ ଗରିବ ଚାଷୀ ହୋଇଥିବା ବେଳେ ସ୍ତ୍ରୀ ରେବତୀ ରୋଗିଣା। ଦୁଇପୁଅ କାର୍ତ୍ତିକ ଓ ଗଣେଶ। ଜମିବାଡ଼ି ନ ଥିବାରୁ ପରିବାର ଚଳାଇବା ପାଇଁ ବାପ ଓ ପୁଅଙ୍କୁ ସଂଘର୍ଷ କରିବାକୁ ପଡୁଛି। ୫ବର୍ଷ ହେଲା ତାଙ୍କର ନଡ଼ାଛପର ଘର ଭାଙ୍ଗିଯାଇଛି। ବହୁ କଷ୍ଟରେ ସେମାନେ ଘର ଉପରେ ପଲିଥିନ ପକାଇ କଷ୍ଟେମଷ୍ଟେ ୪ ପ୍ରାଣୀ ରହୁଛନ୍ତି। ଚଳିତବର୍ଷ ଝଡ଼ବର୍ଷାରେ ପଲିଥିନ୍ ଚିରିଯାଇ ପାଣି ଗଳୁଛି। ବର୍ଷା ଓ ଘଡ଼ ଘଡ଼ି ସମୟରେ ପରିବାର ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ସୁଧାଂଶୁ ଏବଂ ତାଙ୍କ ପୁଅ କାର୍ତ୍ତିକ ପର ଘରେ ମୂଲ ଲାଗି ଯାହା ରୋଜଗାର କରନ୍ତି ତାହା ରେବତୀଙ୍କ ଚିକିତ୍ସା ପାଇଁ ଖର୍ଚ୍ଚ ହୁଏ। ସୀମିତ ଅର୍ଥରେ ଦିନକୁ ଦୁଇ ଓଳି ପେଟପୂରା ଖାଇବାକୁ କଷ୍ଟକର ହୋଇପଡୁଥିବା ବେଳେ ଘର ସଜାଡ଼ିବା ସେମାନଙ୍କ ପାଇଁ ସ୍ୱପ୍ନ। ସରକାରୀ ଗୃହ ଯୋଗାଇ ଦେବା ପାଇଁ ଏହି ପରିବାର ପଞ୍ଚାୟତ କାର୍ଯ୍ୟନିର୍ବାହୀ, ସରପଞ୍ଚ, ବିଡ଼ିଓଙ୍କୁ ନିବେଦନ କରିଛନ୍ତି। ପ୍ରତିଶ୍ରୁତି ମଧ୍ୟ ମିଳିଛି। ହେଲେ ସରକାରଙ୍କ ଏହି ଯୋଜନା ସାତସପନ ପରି ଲାଗୁଛି ବୋଲି କୁହନ୍ତି ସୁଧାଂଶୁ। ତଥାପି ଆଶାରେ ଅଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ସେପ୍ଟେମ୍ବର ୨୯/୨୦୧୯ Balasore, Sunday, September 29/2019

# ପିଲେଟ ପରିବହନକୁ କେନ୍ଦ୍ରକରି ଗୋଷ୍ଠୀସଂଘର୍ଷ

## ଥାନାରେ ଉଭୟ ପକ୍ଷରୁ ଏତଲା

**ଯୋଡ଼ା,୨୮।୯(ଡି.ଏନ.ଏ.)**–କେନ୍ଦୁଝର ଜିଲା ଯୋଡା ଥାନା ଅନ୍ତର୍ଗତ କମାରଯୋଡାଠାରେ ଲୁହାପଥର 'ପିଲେଟ' ପରିବହନକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧରେ ମାରପିଟ ଘଟଣା ଘଟି ଥାନାରେ ଏ ନେଇ ଦୁଇ ପକ୍ଷରୁ ଏତଲା ଦିଆଯାଇଛି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ଯୋଡା ଥାନା ସବଇନ୍ସପେକ୍ଟର ବିଶ୍ୱଜିତ ବେହେରା ଏହି ସୂଚନା ଦେଇ କହିଛନ୍ତି, ଶୁକ୍ରବାର ବାଂଶପାଣି ରେଳସାଇଡିଂରେ ଗଚ୍ଛିତ ରଖାଯାଇଥିବା ଗୋଲି ପିଲେଟ ପରିବହନ କରାଯାଉଥିଲା। ପିଲେଟ ଉତ୍ପାଦନକାରୀ କମ୍ପାନୀ ପକ୍ଷରୁ ୨୦୦ ଟ୍ରିପ୍ ପିଲେଟ ଗୁରୁଡି ରେଳସାଇଡିଂକୁ ପରିବହନ କରିବା ସକାଶେ ଏକ ପରିବହନକାରୀ ସଂସ୍ଥାକୁ କୁହାଯାଇଥିଲା। ଏହି ସଂସ୍ଥା ୪୦ ଟ୍ରିପ୍ ପରିବହନ କରି କାର୍ଯ୍ୟ ବନ୍ଦ ରଖି ପରେ ପୁଣି ପରିବହନ ଆରମ୍ଭ କରିଥିଲା । ଏଥିରେ ସ୍ଥାନୀୟ ଗାଡିଗୁଡିକୁ ପରିବହନ କାମ ଦିଆ ନ ଯିବାରୁ ସେଠାରେ ଉପସ୍ଥିତ ଲୋକେ ଏହାକୁ ବିରୋଧ କରିବାରୁ ଯୁକ୍ତିତର୍କ ହୋଇ ମାରପିଟ୍ ଘଟିଥିଲା । ଘଟଣାସ୍ଥଳରେ ଗୁରୁମିତ ସିଂ, ଅମର ମହାକୁଡ, ଚନ୍ଦ୍ରକାନ୍ତ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଯୋଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ ୧୪୮/୨୦୧୯) ରୁଜୁ କରିଛି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ଅପର ଗୋଷ୍ଠୀ ପକ୍ଷରୁ ପାଲଟା ଅଭିଯୋଗ କରିଥିବା ପୋଲିସ ସୂଚନା ଦେଇଛି।

## ଟଙ୍କା ଆଦାୟ କରିବାକୁ ଆସି ମାଡ଼ ଖାଇଲେ

**ବାସୁଦେବପୁର,୨୮।୯(ଡି.ଏନ.ଏ.)**– ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଡୁଁଆ ଗ୍ରାମକୁ ବକେୟା ଟଙ୍କା ଆଦାୟ କରିବାକୁ ଆସି ଶନିବାର ସନ୍ଧ୍ୟାରେ ୮ ବ୍ୟକ୍ତି ଲୋକଙ୍କ ରୋଷର ଶିକାର ହୋଇଛନ୍ତି। ସେମାନେ ବାଲେଶ୍ୱର ଜିଲା ବଳରାମଗଡ଼ି ଅଞ୍ଚଳର ହୋଇଥିବା ବେଳେ ଏକ ବୋଲେରୋରେ ଏହି ଗାଁକୁ ଆସିଥିଲେ। ଉକ୍ତ ଗାଡ଼ିରେ ମାରଣାସ୍ତ୍ର ଥିବା ଦେଖି ଗାଁ ଲୋକେ ସେମାନଙ୍କୁ ଧରି ବାନ୍ଧି ପକାଇବା ସହ ନିଛୁକ ମାଡ଼ ମାରିଥିଲେ। ଏହି ସମୟରେ ୫ ଜଣ ଖସି ପଳାଇ ଥିବାବେଳେ ୩ ଜଣଙ୍କୁ ବାସୁଦେବପୁର ପୋଲିସ ଉଦ୍ଧାର କରି ଥାନାରେ ଅଟକ ରଖିଛି। ସୂଚନା ଅନୁଯାୟୀ, ପଡୁଁଆ ଗ୍ରାମର ଜଣେ ମତ୍ସ୍ୟଜୀବୀ ବଳରାମଗଡି ଅଞ୍ଚଳର ଜଣେ ବୋଟ୍ ମାଲିକଙ୍କଠାରୁ ଲକ୍ଷାଧିକ ଟଙ୍କା ଆଣି ଆଉ କାମ କରିବାକୁ ଯାଉ ନ ଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଟଙ୍କା ଆଦାୟ ପାଇଁ ଆସିଥିବା ବେଳେ ଏହି ବ୍ୟକ୍ତିମାନେ ମାଡ଼ ଖାଇଥିବା ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଦେଓ ନଦୀରୁ ଗଳିତ ମୃତଦେହ ଉଦ୍ଧାର

**ପାଟଣା,୨୮।୯(ସ୍ୱ.ପ୍ର.)**–କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଧୀନ ଦେଓ ନଦୀର ମଙ୍ଗଳପୁର ଘାଟରୁ ଶନିବାର ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହକୁ ସାହାରପଡା ଅଗ୍ନିଶମ ବିଭାଗ ସହାୟତାରେ ପୋଲିସ ଉଦ୍ଧାର କରିଛି। ମୃତଦେହକୁ ବ୍ୟବଚ୍ଛେଦ ଲାଗି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ଏଏସଆଇ ଗୁରୁପ୍ରସାଦ ଦେଓ ଏକ ଅପମୃତ୍ୟୁ ମାମଲା (ନଂ.୧୮/୧୯) ରୁଜୁକରି ତଦନ୍ତ ଜାରି ରଖିଛନ୍ତି। ସୂଚନା ଅନୁଯାୟୀ ଶନିବାର ସକାଳେ କେତେକ ଲୋକ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ମୃତଦେହ ଭାସୁଥିବାର ଦେଖି ତୁରୁମୁଙ୍ଗା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ ମଧ୍ୟ ମୃତକଙ୍କ ପରିଚୟ ମିଳି ପାରି ନାହିଁ।

### ବେଆଇନ କରତକଳ ଉପରେ ଚଢ଼ାଉ

## ୩ ମାଲିକଙ୍କ ସମେତ ୧୧ ଅଟକ

**ଭୋଗରାଇ,୨୮।୯(ଡି.ଏନ.ଏ.)**– ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ୩ଟି ବେଆଇନ କରତକଳ ଉପରେ ଶନିବାର ଟାସ୍କଫୋର୍ସ ଓ ପୋଲିସ୍ ଆକସ୍ମିକ ଭାବେ ଚଢ଼ାଉ କରିଛି। ଚନ୍ଦନେଶ୍ୱର ନିକଟବର୍ତ୍ତୀ ଚଣ୍ଡୀସିଂପୁର, ଜଗନ୍ନାଥପୁର ଓ ନିମାତ୍ପୁର ନିକଟସ୍ଥ ବେଲାଗ୍ରାମରେ ବେଆଇନ ଭାବେ କରତକଳ ଚାଲୁଥିବା ଖବରପାଇ ଟାସ୍କଫୋର୍ସର ଡିଏସ୍ପି ମନୋଜ ରାଉତ ଓ ଜଳେଶ୍ୱର ଏସ୍‌ଡ଼ିପିଓ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ୩ଟି ସ୍ଥାନରୁ ୩ମାଲିକଙ୍କ ସମେତ ୧୧ଜଣ କର୍ମଚାରୀଙ୍କୁ ପୋଲିସ ଭୋଗରାଇ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଟାସ୍କଫୋର୍ସ ବନବିଭାଗକୁ ଖବର ଦେଇଥିଲେ ମଧ୍ୟ ବନବିଭାଗ ସେଠାରେ ପହଞ୍ଚିନାହିଁ। ଖବରଲେଖା ହେବା ପର୍ଯ୍ୟନ୍ତ ୩କରତକଳର କାଠ କିମ୍ବା ଯନ୍ତ୍ରାଂଶ ଜବତ ହୋଇ ନ ଥିବା ସୂଚନା ମିଳିଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବିଇଓ ଅଫିସ୍‌ରେ ଅଭିଯୋଗପତ୍ର ଦେଲେ ଗ୍ରାମବାସୀ

**ହାଟଡିହୀ,୨୮।୯(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ଦଲକି ପ୍ରାଥମିକ ବିଦ୍ୟାଳୟ ସମସ୍ୟା ନେଇ ସ୍ଥାନୀୟ ଗ୍ରାମବାସୀ ଶୁକ୍ରବାର ବିଇଓ ଅଫିସ୍‌ରେ ଲିଖିତ ଅଭିଯୋଗ କରିଛନ୍ତି। ମଧାହ୍ନଭୋଜନ ରୋଷେଇ ଦାୟିତ୍ୱରେ ଥିବା ଜଣେ କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷେ ମଧାହ୍ନଭୋଜନରେ ଅନିୟମିତତା ଓ ଶିକ୍ଷାଦାନରେ ବ୍ୟାହତ ହେବା ଆଦି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ସକାଶେ ଗ୍ରାମବାସୀ ଦାବି କରି ବିଇଓଙ୍କ ଅନୁପସ୍ଥିତିରେ କିରାଣି ମନୋଜ କୁମାର ନାୟକଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରଛନ୍ତି। ଏଥିସହ ସେମାନେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀଙ୍କୁ ମଧ ଲିଖିତ ଅଭିଯୋଗ ପ୍ରଦାନ କରିଥିବା କହିଛନ୍ତି।

### ଆଦିବାସୀ ଦମ୍ପତିଙ୍କୁ ଉପେକ୍ଷା

**କେନ୍ଦୁଝର,୨୮।୯ ( ସ୍ୱ.ପ୍ର.)-** ସାମାଜିକ ସୁରକ୍ଷା ଯୋଜନାରେ ଗରିବ ବୃଦ୍ଧାବୃଦ୍ଧ,ବିଧବା ଓ ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାର ଭତ୍ତା ଯୋଗାଇ ଦେଉଛନ୍ତି। ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁ ଏହି ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରୁ ନାହିଁ। ସଦର ବ୍ଲକ ଅନ୍ତର୍ଗତ କଣ୍ଡରାପଶି ପଞ୍ଚାୟତର ମୁଣ୍ଡାସାହିରେ ବସବାସ କରୁଥିବା ବୃଦ୍ଧ ଆଦିବାସୀ ଦମ୍ପତି ଶୁକମତୀ ମୁଣ୍ଡା(୭୦) ଓ ମୋହନ ମୁଣ୍ଡା(୭୪)ଙ୍କୁ ଏଯାଏଁ ଭତ୍ତା ଭତ୍ତା ମିଳି ପାରି ନ ଥିବା ଅଭିଯୋଗ କରିଛନ୍ତି। ସେମାନେ ଦୀର୍ଘ ୫ବର୍ଷ ତଳୁ ୱାର୍ଡ ମେମ୍ବରଙ୍କ ଜରିଆରେ ପଞ୍ଚାୟତକୁ ଆବେଦନ କରିଥିଲେ ମଧ ସେମାନଙ୍କୁ ଉପେକ୍ଷା କରି ସରକାରଙ୍କ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ରଖାଯାଇଛି ବୋଲି ମୋହନଙ୍କ ପୁଅ ରମେଶ ମୁଣ୍ଡା ଅଭିଯୋଗ କରିଛନ୍ତି।

### ୬୧ ଜଣଙ୍କ ମାଗଣା ହାର୍ନିଆ ଅପରେଶନ

**ଉଦଳା,୨୮।୯(ଡି.ଏନ୍.ଏ.):** ଉଦଳା ରୋଟାରୀ କ୍ଲବ ଏବଂ ଭାରତୀୟ ଶଲ୍ୟ ଚିକିତ୍ସକ ସଂଘର ଓଡିଶା ଶାଖା ପକ୍ଷରୁ ସ୍ଥାନୀୟ ରୋଟାରୀ କ୍ଲବ ସହାୟତାରେ ମାଗଣା ହାର୍ଣ୍ଣିଆ ଅପରେସନ କାର୍ଯ୍ୟକ୍ରମ ଶେଷ ହୋଇଛି। ଉପଖଣ୍ଡ ଚିକିତ୍ସାଳୟରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୬୧ ଜଣଙ୍କ ଅପରେସନ କରାଯାଇଥିବା କ୍ଲବର ସଭାପତି ଇଂ. ସୁବାଷ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଜିଲାପାଳ ବିନୀତ ଭରଦ୍ୱାଜ ଏବଂ ବିଧାୟକ ଭାସ୍କର ମଢେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅସ୍ତ୍ରୋପ୍ରଚାର ନିମନ୍ତେ ଇଂଲଣ୍ଡ, ଆମେରିକା, ପାଟନା ଏବଂ ରାଜ୍ୟର ବରିଷ୍ଠ ଚିକିତ୍ସକମାନେ ଯୋଗ ଦେଇଥିଲେ। ଉପଖଣ୍ଡ ମେଡିକାଲ୍ ଅଧିକାରୀ ଡା. ଶିବାନନ୍ଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଅସ୍ତ୍ରୋପ୍ରଚାର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମର ଶେଷ ଦିବସରେ ଓଡ଼ିଶା ରୋଟାରୀ କ୍ଲବ ଶାଖାର ଗଭର୍ଣ୍ଣର ରୋଟାରିଆନ୍ ଦେବାଶିଷ ମିଶ୍ର, ସହକାରୀ ଗଭର୍ଣ୍ଣର ଶୁଭକାନ୍ତ ପାଢୀ ଅତିଥି ଭାବେ ଯୋଗଦେଇଥିଲେ। ଲୋକପ୍ରିୟ ସଙ୍ଗୀତ ପ୍ରଯୋଜକ ଶ୍ରୀକାନ୍ତ ଗୌତମ ହାର୍ଣ୍ଣିଆ ମିଶନର ବ୍ରାଣ୍ଡ ଆମ୍ବାସଡର ଭାବେ ଯୋଗଦେଇଥିଲେ। ଏହା ବ୍ୟତୀତ ଉପଖଣ୍ଡ ଡାକ୍ତରଖାନା ପରିସରରେ ରୋଟାରୀ କ୍ଲବ ସହାୟତାରେ ୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଶୁଦ୍ଧ ପାନୀୟଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯିବ ବୋଲି ରୋଟାରିଆନ୍ ମିଶ୍ର ଘୋଷଣା କରିଥିଲେ। ଉଦଳା ରୋଟାରୀ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବଡ଼ବିଲ-ବାଂଶପାଣି ରେଳପଥ ଦାବି ଦୋହରାଇଲା ବିକାଶ ପରିଷଦ

**ବଡ଼ବିଲ, ୨୮।୯(ସ୍ୱ.ପ୍ର.)**

ଦ.ପୂ. ରେଳବାଇ ଜିଏମ ସଞ୍ଜୟ କୁମାର ମହାନ୍ତି ଶନିବାର ସନ୍ଧ୍ୟାରେ କେନ୍ଦୁଝର ଜିଲା ବଡ଼ବିଲ ରେଳଷ୍ଟେଶନ ପରିଦର୍ଶନରେ ଆସି ପହଞ୍ଚିଥିଲେ। ଏହି ଅବସରରେ ବଡ଼ବିଲ ବିକାଶ ପରିଷଦର ସଦସ୍ୟଙ୍କ ସମେତ ସ୍ଥାନୀୟ ଲୋକେ ତାଙ୍କୁ ଭେଟି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଜିଏମଙ୍କ ସହ ଆଲୋଚନା ଅବସରରେ ବଡ଼ବିଲ-ବାଂଶପାଣି ରେଳପଥ ସଂଯୋଗୀକରଣ ଦାବିକୁ ଦୋହରାଇଥିଲା ବିକାଶ ପରିଷଦ। ଏଥିସହ ଷ୍ଟେଶନ ପରିସରରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପାର୍କିଂ ବ୍ୟବସ୍ଥା ସମେତ ପ୍ରବେଶ ଓ ପ୍ରସ୍ଥାନ ପଥ, ବିଶ୍ରାମ କକ୍ଷ, ବାକି ଥିବା ପ୍ଲାଟଫର୍ମର ଛପର ନିର୍ମାଣ ଲାଗି ଦାବି କରାଯାଇଥିଲା। ସେହିପରି ବଡବିଲର ଦଇଁଟି ଲେଭଲ କ୍ରସିଂ ନିକଟରେ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ଦୀର୍ଘ ୧ ବର୍ଷ ହେବ ଆରମ୍ଭ ହୋଇଥିଲେ ମଧ ମନ୍ଥର ଗତିରେ କାମ ଚାଲିଥିବାରୁ ଏହାକୁ ତ୍ୱରାନ୍ୱିତ କରିବା ସକାଶେ ଦାବି କରାଯାଇଥିଲା।

**ଦ.ପୂ. ରେଳପଥ ଜିଏମ୍‌ଙ୍କ ବଡ଼ବିଲ ଗସ୍ତ**



ଦ.ପୂ. ରେଳବାଇ ଜିଏମ ସଞ୍ଜୟ କୁମାର ମହାନ୍ତି ବଡ଼ବିଲ ଷ୍ଟେଶନ ପରିଦର୍ଶନ କରୁଛନ୍ତି।

ଜିଏମ ମହାନ୍ତି ଏସବୁ ଦାବି ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଥିଲେ। ଉଲ୍ଲେଖନୀୟ ଯେ, ବଡ଼ବିଲ-ବାଂଶପାଣି ରେଳପଥ ସଂଯୋଗୀକରଣ ଲାଗି ବଡ଼ବିଲ ବିକାଶ ପରିଷଦ ୩ ବର୍ଷ ତଳେ ଦାବିପତ୍ର ପ୍ରଦାନ କରିଥିଲା। ରେଳବାଇ କର୍ତ୍ତୃପକ୍ଷଙ୍କ ଅବହେଳା ପ୍ରତିବାଦରେ ଧାରଣା ଆନ୍ଦୋଳନ କରାଯାଇଥିଲା। ଏହି ରେଳପଥ ନିର୍ମାଣ ହେଲେ ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହେବ ବୋଲି ପରିଷଦ ଜଣାଇଥିଲା। ଏଯାଏ ସର୍ଭେ କାର୍ଯ୍ୟ ହୋଇ ନ ଥିବାରୁ ପରିଷଦର ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଜିଏମ ମହାନ୍ତି ଆଲୋଚନା ପୂର୍ବରୁ ଷ୍ଟେଶନ ପରିସର ବୁଲି ଦେଖିଥିଲେ। ରାତ୍ର ପ୍ରାୟ ସାଢେ ୮ଟା ବେଳେ ଟ୍ରେନ ଯୋଗେ ଫେରି ଯାଇଥିଲେ।

# ବିନା ତାର୍ପୋଲିନ୍‌ରେ ଖଣିଜ ପରିବହନ



ନିୟମ ଉଲ୍ଲଙ୍ଘନ କରି ବିନା ଘୋଡ଼ଣୀରେ ଖଣିଜ ଦ୍ରବ୍ୟ ପରିବହନ କରାଯାଉଛି।

**କେନ୍ଦୁଝର, ୨୮।୯(ଡି.ଏନ.ଏ.)**

କେନ୍ଦୁଝର ଜଲାରୁ ପ୍ରତ୍ୟହ ଶତାଧିକ ବଡ ବଡ ଟ୍ରଲର ଓ ଟ୍ରକ୍‌ରେ ଖଣିଜ ଦ୍ରବ୍ୟ ପରିବହନ କରାଯାଉଛି। ଖଣିଜ ଦ୍ରବ୍ୟ ପରିବହନ ଲାଗି ରହିଥିବା ନୀତିନିୟମକୁ ଜଳାଞ୍ଜଳି ବିଭିନ୍ନ ଟ୍ରକରେ ବିନା ତାର୍ପୋଲିନରେ ଖୋଲା ମୁକୁଳା ଭାବେ ମାଲ ନିଆଯାଉଛି। ଏଥିଲାଗି ରାସ୍ତା ସାରା ଖଣିଜ ଦ୍ରବ୍ୟ ପଡି ପ୍ରଦୂଷଣ ବୃଦ୍ଧି କରୁଛି, ଯାହା ଲୋକଙ୍କ ପାଇଁ କାଳ ସାଜୁଛି। ବିନା ତାର୍ପୋଲିନରେ ଲୁହାପଥର ଗୁଣ୍ଡ ପରିବହନ ବେଳେ ସାମାନ୍ୟ ପବନ ହେଲେ ଏହାର କଣିକା ରାସ୍ତାରେ ପଡି ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। କେନ୍ଦୁଝର ସହର ମଧ୍ୟ ଦେଇ ଯାଉଥିବା ଟ୍ରକଗୁଡିକ ନିୟମ ଉଲ୍ଲଘଂନ କରି ଖଣିଜ ଦ୍ରବ୍ୟ ପରିବହନ କରୁଥିଲେ ମଧ ଏହାକୁ ରୋକାଯାଉ ନାହିଁ । ପରିବହନ ବିଭାଗ ପରିବହନକାରୀ ସଂସ୍ଥାକୁ ଚିଠି ଲେଖି ନୀରବ ହୋଇ ବସୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଖଣିଜ ପରିବହନ ଯୋଗୁ ରାସ୍ତା ପାର୍ଶ୍ୱ ଅଞ୍ଚଳର ବାସିନ୍ଦା ଧୂଳିଧୂଆଁରେ ଅତିଷ୍ଠ ହେବା ସାର ହେଉଛି।

# ସଂଘୀୟ ବ୍ୟବସ୍ଥା ଉଲ୍ଲଂଘନ ଅଭିଯୋଗରେ ବ୍ଲକ ଘେରାଉ

**ଝୁମ୍ପୁରା, ୨୮।୯ (ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରିତା କ୍ଷେତ୍ରରେ ଆଦର୍ଶ ସଂଘୀୟ ବ୍ୟବସ୍ଥାକୁ ଉଲ୍ଲଂଘନ କରାଯିବା ପ୍ରତିବାଦରେ ଭାଜପା ପକ୍ଷରୁ ଝୁମ୍ପୁରା ବ୍ଲକ ଅଫିସ ଶୁକ୍ରବାର ଘେରାଉ କରାଯାଇଥିଲା। ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଅନିଦ୍ୟ ବେହେରାଙ୍କ ନେତୃତ୍ୱରେ ଶତାଧିକ କର୍ମୀଙ୍କ ଗହଣରେ ୧୭ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା, ଆଇନଜୀବୀ ବିରଜା ମିଶ୍ର, ପଞ୍ଚାନନ ସାହୁ, ମଣ୍ଡଳ ସଭାପତି ମହେନ୍ଦ୍ର ପଟ୍ଟନାୟକ, ଭବାନୀ ନାଏକ ପ୍ରମୁଖ ବ୍ଲକ ଛକରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିଭିନ୍ନ ନାରାବାଜି କରୁଥିଲେ। ଶେଷରେ ସେମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବ୍ଲକ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ଗଣିତ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ




**କପ୍ତିପଦା,୨୮।୯(ଡ଼ି.ଏନ୍.ଏ)**

କପ୍ତିପଦା ମହାବିଦ୍ୟାଳୟର ଗଣିତ ବିଭାଗରେ ଅଧ୍ୟୟନରତ ନବାଗତ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ବରିଷ୍ଠ ଅଧାପକ ପ୍ରଣବ କିଶୋର ପାଢ଼ୀ, ସମ୍ମାନନୀୟ ଅତିଥିଭାବେ ମାନସ ରଞ୍ଜନ ପୁହାଣ, ଦୀପ୍ତିକାନ୍ତ ଦାସ, ଦୀପାଲି ମହାନ୍ତ, ସସ୍ମିତା ବସନ୍ତିଆ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାର ମୌଳିକତା ବିଷୟରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପିକା ଅବନ୍ତୀ ଷଡ଼ଙ୍ଗୀ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ଅଧାପକ ସତ୍ୟନନ୍ଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନବାଗତ ଛାତ୍ରୀଛାତ୍ରମାନଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ସ୍ୱାଗତ ଜଣାଇଥିଲେ।

# ପ୍ରାଣୀ ଚିକିତ୍ସା, ପ୍ରଶିକ୍ଷଣ ଶିବିର



ଶିବିରରେ ଗୃହପାଳିତ ପ୍ରାଣୀଙ୍କୁ ଚିକିତ୍ସା କରାଯାଉଛି।

**ଝୁମ୍ପୁରା, ୨୮।୯ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଅର୍ଶଳା ପଞ୍ଚାୟତରେ ଶୁକ୍ରବାର ଦିନିକିଆ ପ୍ରାଣୀ ଚିକିତ୍ସା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଜଳଧର ମଲ୍ଲିକ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ହେମନ୍ତ ଦାସ, ଚମ୍ପୁଆ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ସତ୍ୟ ନାରାୟଣ ପଣ୍ଡା, କେନ୍ଦୁଝର ଉପଖଣ୍ଡ ଚିକିତ୍ସାଧିକାରୀ ନୃସିଂହ ମିଶ୍ର, ପ୍ରାଣୀ ଚିକିତ୍ସକ ସିଦ୍ଧାନ୍ତ ଶେଖର ସାହୁ, ରଘୁନାଥ ଜରେଇ, ପ୍ରକାଶ ଘଡେଇ, ସୁକାନ୍ତ ଶିହାଳ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ଅର୍ଶଳା, ଅନ୍ଧାରୀଖମଣ, ଅଶୁକୀ, ଖୁଣ୍ଟାପଡା, ମୁରୁସୁଆଁ ଆଦି ଗ୍ରାମରୁ ଆସିଥିବା ୫୦୦ରୁ ଉର୍ଦ୍ଧ୍ୱ ଗାଇ, ବଳଦ, ବାଛୁରୀ, ଛେଳିଙ୍କୁ ଚିକିତ୍ସା କରାଯାଇ ଚାଷୀଙ୍କୁ ଔଷଧ ବିତରଣ କରାଯାଇଥିଲା। ୫୦ଗୋପାଳକଙ୍କୁ ଶିବିରରେ ପ୍ରଶିକ୍ଷଣ ଦିଆଯାଇଥିଲା।

# ଓଡ଼ିଶାର ସାହିତ୍ୟ, ସଂସ୍କୃତି ଉଚ୍ଚକୋଟୀର

**ଭଦ୍ରକ ଅଫିସ, ୨୮।୯**

ଭଦ୍ରକ ସଂସ୍କୃତି ଭବନଠାରେ ଜିଲା ପ୍ରଶାସନ ପକ୍ଷରୁ ମାସିକ ସାହିତ୍ୟ ଓ ସଂସ୍କୃତି ଚର୍ଚ୍ଚାର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା କଥାକାର ବିଜୟ ନାୟକ ବକ୍ତା ଭାବେ ଯୋଗଦେଇ 'ଓଡ଼ିଶା ଏବଂ ଓଡ଼ିଆ' ଶୀର୍ଷକରେ ବକ୍ତବ୍ୟ ରଖିଥିଲେ। ମହାଭାରତ କାଳରୁ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ଓଡ଼ିଶାର ଐତିହ୍ୟ ଏବଂ ଓଡ଼ିଆ ଅସ୍ମିତାର ପ୍ରଶ୍ନ ଉପରେ ସେ ନିଜର ଅନୁଭୂତି କହିଥିଲେ। ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି ଉଚ୍ଚକୋଟୀର ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲାପାଳ ପୀତାମ୍ବର ସାମଲଙ୍କ ସମେତ ଅନେକ ଜିଲାସ୍ତରୀୟ ଅଧିକାରୀ ଆଲୋଚନାଚକ୍ରରେ ଯୋଗ ଦେଇଥିଲେ। ପ୍ରକାଶ ଯେ, ରାଜ୍ୟସ୍ତରରେ ସାଂସ୍କୃତିକ ନବଜାଗରଣ ଏବଂ ଶାସ୍ତ୍ରୀୟ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ନିୟମିତ ଆୟୋଜିତ ହେବାକୁ ଥିବା ଏହି ସଂସ୍କୃତି ଚର୍ଚ୍ଚାର ଜିଲାସ୍ତରୀୟ ସଂସ୍କରଣ ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଛି। ଭଦ୍ରକ ସହରର ବହୁ ବୁଦ୍ଧିଜୀବୀ ଯୋଗଦେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ଏବଂ ସହକାରୀ ଜିଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହୃତ୍ ଗୌରବ ଫେରାଇ ଆଣିବାକୁ ଗୁରୁତ୍ୱ

**ପାଟଣା, ୨୮।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସ୍ଥିତ ଗୋପୀନାଥ ନାରାୟଣ ଉଚ୍ଚବିଦ୍ୟାଳୟ ସ୍ୱାମ ପାଟଣାର 'ମୋ ସ୍କୁଲ ଅଭିଯାନ' ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାଗୃହରେ ଆୟୋଜିତ ଏହି ସଭାରେ ମୋ ସ୍କୁଲ ଅଭିଯାନର ସଭାପତି ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ ଅଧକ୍ଷତା କରିଥିଲେ। ପାଟଣା ବିଧାୟକ ଜଗନ୍ନାଥ ନାଏକ ମୁଖ୍ୟଅତିଥି, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଲ୍ପନା ସିଂ, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତିସନ୍ତୋଷ କୁମାର କର, ବଡ଼ପାଟଣା ପଞ୍ଚାୟତର ନାଏବ ସରପଞ୍ଚ ଗୀତାଞ୍ଜଳି ଦାଶ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବହୁ ପୁରାତନ ଛାତ୍ର, ସାମାଜିକ କର୍ମୀ , ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ଶିକ୍ଷକ ଏଥିରେ ଯୋଗ ଦେଇ ବିଦ୍ୟାଳୟର ହୃତ ଗୌରବ ଫେରାଇ ଆଣିବା ନେଇ ଆଲୋଚନା କରିଥିଲେ। ସମ୍ମିଳିତ ଉଦ୍ୟମ ଦ୍ୱାରା ବିଦ୍ୟାଳୟର ବିକାଶ ସମ୍ଭବ ବୋଲି ବିଧାୟକ କହିଥିଲେ। ବିଦ୍ୟାଧର ଦାଶ ଗୁଣାତ୍ମକ ଶିକ୍ଷା ଓ ସ୍ୱଚ୍ଛତା ରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ପୁରାତନ ଛାତ୍ର ତଥା ସାମାଜିକ କର୍ମୀ ଅଜୟ କୁମାର ଦାଶ, ଅବସର ପ୍ରାପ୍ତ ଶିକ୍ଷକ ସନାତନ ଦାଶ, ହରିହର ମହାନ୍ତ, ଅରୁଣ କୁମାର ମିଶ୍ର ଓ ପର୍ଶୁରାମ ପଣ୍ଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବିଦ୍ୟାଳୟର ଶିକ୍ଷକ ରମାରଞ୍ଜନ ପତି, ପ୍ରତାପ ଚନ୍ଦ୍ର ମହାନ୍ତ, ଶାନ୍ତନୁ ସାହୁ ଓ ଶିକ୍ଷୟିତ୍ରୀ ଶର୍ମିଷ୍ଠା ସୋରେନ, ମନସ୍ୱିନୀବିଶ୍ୱାଳ ଓ ନିରୁପମା ନାଏକ ପ୍ରମୁଖ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ।



'ମୋ ସ୍କୁଲ କାର୍ଯ୍ୟକ୍ରମ'ରେ ଯୋଗ ଦେଇଥିବା ଅତିଥି।

# ଜନସମ୍ପର୍କ ପଦଯାତ୍ରା ପ୍ରସ୍ତୁତି

**ବାଲେଶ୍ୱର ଅଫିସ, ୨୮।୯**

ବାଲେଶ୍ୱର ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ବ୍ରିଟ୍ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା କମିଟିର ଜିଲା ଅଧକ୍ଷ ଆଇନଜୀବୀ ଭୁବନାନନ୍ଦ ଦାସ ଅଧକ୍ଷତା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବିଜେଡି ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଆଇନଜୀବୀ ଗୌରୀଚନ୍ଦ୍ର ବାରିକଙ୍କ ଆବାହକତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଅକ୍ଟୋବର ୨ତାରିଖଠାରୁ ଲୋକନାୟକ ଜୟପ୍ରକାଶ ଜୀଙ୍କ ଜୟନ୍ତୀ ଅକ୍ଟୋବର ୧୧ତାରିଖ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା କରାଯିବାର ନିଷ୍ପତ୍ତି ହୋଇଛି। ଏଥିନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏହି ପଦଯାତ୍ରାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ, ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଏବଂ କ୍ରିୟାଶୀଳ କରାଇବା ପାଇଁ ଉଦ୍ଦିଷ୍ଟ '୫ଟି ଓ ମୋ ସରକାର' ଭଳି ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଜନସେଚତନତା କରାଇବା ଏବଂ ଜନତାଙ୍କୁ ଅବଗତ କରାଯିବ।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଆଇନଜୀବୀ ଜିତେନ୍ଦ୍ର କୁମାର ଉପାଧ୍ୟାୟ ପଠନ କରି ସମସ୍ତଙ୍କୁ ଅବଗତ କରାଇଥିଲେ। ବୈଠକରେ ଓକିଲ ସଂଘ ସଭାପତି ନିରଞ୍ଜନ ପଣ୍ଡା, ଜିଲା ସଂଖ୍ୟାଲଘୁ ସେଲ ଅଧକ୍ଷ ଶେଖ୍ ଉମରଦ୍ଦିନ, ଜଳେଶ୍ୱରର ବରିଷ୍ଠ ଆଇନ୍‌ଜୀବୀ ନିତ୍ୟଗୋପାଳ ଦାସ, ଭିଜିଲାନ୍ସ ପିପି ସେକ୍ ହାଜିରୁଦ୍ଦିନ, ପ୍ରଣବ କୁମାର ପଣ୍ଡା, ସରୋଜ ପଣ୍ଡା, ପ୍ରଣବ ମିଶ୍ର ଓ ମନୋଜ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ବୈଠକରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର କର୍ମକର୍ତ୍ତା।

# ଇଂଲିଶ ବିଭାଗର ଆଲୋଚନାଚକ୍ର

**ବାଙ୍ଗିରିପୋଷି,୨୮।୯(ଡି.ଏନ୍.ଏ.)**

ସ୍ଥାନୀୟ ଲକ୍ଷ୍ମୀକାନ୍ତ କଲେଜ ଇଂଲିଶ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧାପକ ସତ୍ୟନାରାୟଣ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବିଷୟ ବିଶାରଦ ଭାବେ ଇତିହାସ ବିଭାଗର ମୁଖ୍ୟ ଅଧାପକ ପବିତ୍ରମୋହନ ଦାଶ ଯୋଗଦେଇଥିଲେ। ଶେଷ ବର୍ଷ ସମ୍ମାନ ଛାତ୍ରୀ ଅଭିଲିପ୍ସା ମହାନ୍ତ ସାରଗର୍ଭକ ନିବନ୍ଧ ପାଠ କରିଥିଲେ। ଆଲୋଚନାରେ ଛାତ୍ର ରାଜେଶ ଗିରି, ବାର୍ଷା ମୁର୍ମୁ, ଜନ୍ମେଞ୍ଜୟ ଗିରି, ରଶ୍ମିତା ବିନ୍ଧାଣୀ, ପ୍ରୀତି ଭାରତୀ ମୁର୍ମୁ, ଶିକ୍ଷା ମହାନ୍ତ, ବିନି ଦେଓ, ସୁନୀତା ବେହେରା, ମୀନତି ନାଏକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅଧାପିକା ଅଞ୍ଜଳି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ସାରସ୍ୱତ କୃତିକୁ ଅସମ୍ମାନ ଅଭିଯୋଗ

# ଅପେରା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ସୋର, ୨୮।୯(ଡି.ଏନ.ଏ.)**

କବିବର ରାଧାନାଥ ଓ ପ୍ରଣୟ କବି ଡ. ମାୟାଧର ମାନସିଂଙ୍କ କାବ୍ୟ କୃତିକୁ ଏକ ଯାତ୍ରା ପାର୍ଟିର ଖଳନାୟକଙ୍କ ସଂଳାପରେ ଅସମ୍ମାନ କରାଯାଇଥିବା ନେଇ ସୋର ବିଧାୟକ ତଥା ରାଧାନାଥ ପାଠାଗାର ସଭାପତି ପର୍ଶୁରାମ ଧଡା ଆପତ୍ତି ଉଠାଇଛନ୍ତି। ଏହି ପ୍ରସଙ୍ଗରେ ଶନିବାର ସନ୍ଧ୍ୟାରେ ପାଠାଗାର ପରିସରରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ସଭାପତି ଧଡା ସାରସ୍ୱତ କୃତିର ବିକୃତ ଉପସ୍ଥାପନାର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଯାତ୍ରାନୁଷ୍ଠାନ ଅପେରା 'ସୂର୍ଯ୍ୟମନ୍ଦିର' ପକ୍ଷରୁ ମଞ୍ଚସ୍ଥ ନାଟକ 'ପ୍ରେମିକାର ନାଁ ଚନ୍ଦ୍ରଭାଗା'ରେ କବିବରଙ୍କ କାବ୍ୟକୃତି ଚନ୍ଦ୍ରଭାଗା ଓ ଡ. ମାୟାଧର ମାନସିଂଙ୍କ ସାରସ୍ୱତ କୃତି କୋଣାର୍କର କିଛି ପଂକ୍ତିକୁ ଖଳନାୟକ ଏକ ଅସାମାଜିକ ଦୃଶ୍ୟରେ ଅତି ବିକୃତ ଭାବେ ଉପସ୍ଥାପନ କରିଛନ୍ତି। ଏହି ଅନୁଷ୍ଠାନ ପ୍ରତି ଆପତ୍ତି ଉଠାଇ ସଭାପତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ଅସମ୍ମାନଜନକ ଆକ୍ଷେପକୁ ନେଇ ରାଜ୍ୟ ସହ ସୋରର ବହୁ ସାରସ୍ୱତ ଓ ସାଂସ୍କୃତିକପ୍ରେମୀ କ୍ଷୋଭ ପ୍ରକାଶ କରିବା ସହ ଅଦାଲତର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି। ଶସ୍ତା ଲୋକପ୍ରିୟତା ପାଇବାକୁ ରାଜ୍ୟର ଭାଷାରକ୍ଷକଙ୍କୁ ଅସମ୍ମାନିତ କରାଯିବାକୁ କୌଣସି ପରିସ୍ଥିତିରେ ଦିଆଯିବ ନାହିଁ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପାଠାଗାର ସମ୍ପାଦକ ସୁଧୀର କୁମାର ଦାସ, ଉପସଭାପତି ଅନାଦି ଚରଣ ଜେନା, ଦାମୋଦର ଦାଶ ମହାପାତ୍ର, କାଳନ୍ଦ୍ରୀ ଚରଣ ପଲେଇ, ସ୍ମିତା ଦାସ, ପୁଷ୍ପଲତା ଜେନା, ଶୁକଦେବ ନାୟକ, ଉଦ୍ଧବ ଚରଣ ବିଶ୍ୱାଳ, ବିଦ୍ୟାଧର ମଲ୍ଲିକ, ନିରଞ୍ଜନ ପଣ୍ଡା, ନବକିଶୋର ଦାସ, ଖଗେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଛିଣ୍ଡା ପଲିଥିନ ତଳେ ଜୀବନ

**ଭୋଗରାଇ, ୨୮।୯(ଡି.ଏନ.ଏ.)**

ଦାରିଦ୍ର ସୀମାରେଖା ତଳେ ଥିବା ଗରିବ ଲୋକଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ସରକାରୀ ପକ୍କାଗୃହ ପାଇଁ ସହାୟତା ପ୍ରଦାନ କରୁଛନ୍ତି। ହେଲେ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଅବହେଳା ଯୋଗୁ ଗରିବ ଲୋକେ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବାରବାଟିଆ ଗ୍ରାମ ୧ ନମ୍ବର ୱାର୍ଡ଼ର ସୁଧାଂଶୁ କାମିଲା (୫୫) ଏଭଳି ଅବହେଳାର ଶିକାର ହୋଇଛନ୍ତି। ସୁଧାଂଶୁ ଜଣେ ଗରିବ ଚାଷୀ ହୋଇଥିବା ବେଳେ ସ୍ତ୍ରୀ ରେବତୀ ରୋଗିଣୀ। ଦୁଇପୁଅ କାର୍ତ୍ତିକ ଓ ଗଣେଶ। ଜମିବାଡ଼ି ନ ଥିବାରୁ ପରିବାର ଚଳାଇବା ପାଇଁ ବାପ ଓ ପୁଅଙ୍କୁ ସଂଘର୍ଷ କରିବାକୁ ପଡୁଛି। ୫ବର୍ଷ ହେଲା ତାଙ୍କର ନଡ଼ାଛପର ଘର ଭାଙ୍ଗିଯାଇଛି। ବହୁ କଷ୍ଟରେ ସେମାନେ ଘର ଉପରେ ପଲିଥିନ୍ ପକାଇ କଷ୍ଟେମଷ୍ଟେ ୪ ପ୍ରାଣୀ ରହୁଛନ୍ତି। ଚଳିତବର୍ଷ ଝଡ଼ବର୍ଷାରେ ପଲିଥିନ୍ ଚିରିଯାଇ ପାଣି ଗଳୁଛି। ବର୍ଷା ଓ ଘଡ଼ ଘଡ଼ି ସମୟରେ ପରିବାର ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି।



ଘର ଆଗରେ ସୁଧାଂଶୁ ଓ ରେବତୀ।

■ ମିଳୁନି ସରକାରୀ ସହାୟତା

■ ପର ଘରେ ମୂଲ ଲାଗିଲେ ଚୁଲି ଜଳେ

ସୁଧାଂଶୁ ଏବଂ ତାଙ୍କ ପୁଅ କାର୍ତ୍ତିକ ପର ଘରେ ମୂଲ ଲାଗି ଯାହା ରୋଜଗାର କରନ୍ତି ତାହା ରେବତୀଙ୍କ ଚିକିତ୍ସା ପାଇଁ ଖର୍ଚ୍ଚ ହୁଏ। ସୀମିତ ଅର୍ଥରେ ଦିନକୁ ଦୁଇ ଓଳି ପେଟପୂରା ଖାଇବାକୁ କଷ୍ଟକର ହୋଇପଡୁଥିବା ବେଳେ ଘର ସଜାଡ଼ିବା ସେମାନଙ୍କ ପାଇଁ ସ୍ୱପ୍ନ। ସରକାରୀ ଗୃହ ଯୋଗାଇ ଦେବା ପାଇଁ ଏହି ପରିବାର ପଞ୍ଚାୟତ କାର୍ଯ୍ୟନିର୍ବାହୀ, ସରପଞ୍ଚ, ବିଡ଼ିଓଙ୍କୁ ନିବେଦନ କରିଛନ୍ତି। ପ୍ରତିଶ୍ରୁତି ମଧ ମିଳିଛି। ହେଲେ ସରକାରଙ୍କ ଏହି ଯୋଜନା ସାତସପନ ପରି ଲାଗୁଛି ବୋଲି କୁହନ୍ତି ସୁଧାଂଶୁ। ତଥାପି ଆଶାରେ ଅଛନ୍ତି।